# ରୋଷେଇବେଳେ ଗ୍ୟାସ୍ ଲିକ୍, ପୋଡ଼ିଗଲେ ୮

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡ଼ା ଅଞ୍ଚଳରେ ରୋଷେଇ ଚାଲିଥିବାବେଳେ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯିବାରୁ ୪ ପରିବାରର ୮ଜଣ ପୋଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୫ଜଣ ମହିଳା ରହିଛନ୍ତି। ଆହତମାନେ ହେଲେ ପବିତ୍ର ସ୍ୱାଇଁ, ପ୍ଲାବନ କୁମାର ରାୟ, ଗୋବିନ୍ଦ ଜେନା, ମଞ୍ଜୁଲତା ଜେନା, ବାସନ୍ତୀ ଜେନା, କାନନ ବାଳା ଦାସ, ନଳିନୀ ବାରିକ ଓ ବିଷ୍ଣୁପ୍ରିୟା ମଙ୍ଗରାଜ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଏମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ଲାବନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଏଥିସହ ୩ଜଣଙ୍କୁ ଏମ୍ସ ଆଇସିୟୁରେ ଭର୍ତ୍ତି କରାଯାଇଛି।




ଗ୍ୟାସ୍ ଲିକ୍ ହୋଇଥିବା ସ୍ଥାନ ଓ ଆହତ ବ୍ୟକ୍ତିମାନେ।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ସାଢେ ୧୧ଟା ସମୟରେ ପ୍ଲାବନଙ୍କ ଘରେ ରୋଷେଇ ହେଉଥିଲା। ଏହି ସମୟରେ ଗ୍ୟାସ୍ ପାଇପ ହଠାତ୍ ଫାଟିଯିବା ସହ ଲିକ୍ ହୋଇ ଘରେ ନିଆଁ ଲାଗିଯାଇଥିଲା। ପରେ ଘର ସାରା ନିଆଁ ବ୍ୟାପିଯିବାରୁ ପ୍ଲାବନ ଜଳିଯାଇଥିଲେ। ଉକ୍ତ ଘର ପାଖକୁ ଲାଗ ଅନ୍ୟ ୩ ପରିବାରର ଝରକା ଖୋଲା ଥିବାରୁ ଜଳନ୍ତା ଗ୍ୟାସ୍ ବ୍ୟାପିଯାଇ ଲୋକଙ୍କ ଦେହରେ ଲାଗି ଯାଇଥିଲା। ଏପଟେ ବିସ୍ଫୋରଣ ଶବ୍ଦ ଓ ଚିତ୍କାର ଶୁଣି ଆଖପାଖ ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପ୍ଲାବନଙ୍କ ଦେହରେ ନିଆଁ ଲାଗିଥିବା ଦେଖି ରଶ୍ମିରଞ୍ଜନ ପାଢଶାଣୀ ନାମକ ଜଣେ ଯୁବକ ଏକ ଓଦା ଗାମୁଛା ତାଙ୍କ ଦେହରେ ଗୋଡ଼ାଇ ଦେଇଥିଲେ। ପରେ ସମସ୍ତ ଆହତଙ୍କ ନିଜ ଗାଡ଼ିରେ ମେଡିକାଲରେ ଭର୍ତ୍ତି କରିଥିଲେ।

# ଆଜିଠୁ ଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା


ବିନ୍ଦୁସାଗରରେ ପ୍ରସ୍ତୁତ ହୋଇ ରହିଥିବା ଚାପଡଙ୍ଗା।

ପୁରୁଣା ଭୁବନେଶ୍ୱର,୧୪।୫(ଡି.ଏନ୍.ଏ.)

ଶନିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ତଥା ଚାପ କ୍ରୀଡ଼ା ଆରମ୍ଭ ହେବ। ୨୨ଦିନ ଧରି ଏହି ଯାତ୍ରାରେ ଚାପ ଡଙ୍ଗାରେ ଅବସ୍ଥାନ କରି ମହାପ୍ରଭୁ ଶ୍ରୀଲିଙ୍ଗରାଜ, ପ୍ରଭୁ ବାସୁଦେବ, ମା' ପାର୍ବତୀ ଚାପ ଖେଳିବେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ବସୁଦେବ ଘାଟରେ ଦୁଇଟି ଡଙ୍ଗାକୁ ମହାରଣା ସେବାୟତ ସଂଲଗ୍ନ କରି ଚାପ ଡଙ୍ଗା ନିର୍ମାଣ କରିଛନ୍ତି। ଏଥିରେ ସିଂହାସନ ଲଗାଯାଇଛି। ୧୨ଘରିଆ ନାଉରିଆ ସେବାୟତ ଏହି ଡଙ୍ଗା କୋଭିଡ୍ କଟକଣାରେ ୬/୬ଜଣ କରି ପର୍ଯ୍ୟାୟକ୍ରମେ ଡଙ୍ଗା ପରିଚାଳନା କରିବେ। ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ସହ ନିର୍ଦ୍ଦିଷ୍ଟ ସେବାୟତ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ସେବାୟତଙ୍କୁ ଆର୍ଥିକ ସହାୟତା ଦାବି

**ପୁରୁଣା ଭୁବନେଶ୍ୱର ,୧୪।୫(ଡି.ଏନ୍.ଏ.):** କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଭୁବନେଶ୍ୱରରେ ରହିଥିବା ପ୍ରମୁଖ ମନ୍ଦିରରେ ନୀତି ସମ୍ପାଦନ କରୁଥିବା ସେବାୟତଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଶୁକ୍ରବାର ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ରାଜ୍ୟ ସରକାରଙ୍କ ନିକଟକୁ ପତ୍ର ଲେଖିଛନ୍ତି। କରୋନାର ଦ୍ୱିତୀୟ ଲହର ପାଇଁ ଲିଙ୍ଗରାଜ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର ଭଳି ବହୁ ମନ୍ଦିରକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆସିବା ବନ୍ଦ ରହିଛି। ପୁରୀ ଶ୍ରୀମନ୍ଦିର ସେବାୟତଙ୍କ ଭଳି ଉକ୍ତ ମନ୍ଦିରଗୁଡ଼ିକରେ ସେବା ସମ୍ପାଦନ କରୁଥିବା ସେବାୟତଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ପତ୍ରର ଉଲ୍ଲେଖ ରହିଛି।

### ରୂପାନ୍ତର ମାନ୍ୟତା ବାଲିଅନ୍ତା ହାଇସ୍କୁଲର ହେବ ବିକାଶ

**ବାଲିଅନ୍ତା,୧୪।୫(ଡି.ଏନ୍.ଏ.) :** ରାଜ୍ୟ ସରକାରଙ୍କ ପକ୍ଷରୁ ରୂପାନ୍ତର ମାନ୍ୟତା ପାଇଥିବା ବାଲିଅନ୍ତା ହାଇସ୍କୁଲର ବିକାଶ କରାଯିବ। ସ୍ମାର୍ଟ ତଥା ଡିଜିଟାଲ କ୍ଲାସରୁମ୍, ଉନ୍ନତ ଲାବରେଟୋରି, ଖେଳପଡ଼ିଆ, ଇ. ଲାଇବ୍ରେରି, ଆକ୍ୱାଗାର୍ଡ ଆଦି ଲାଗିବ। ଏଥିସହ ଏହି ସ୍କୁଲର ଭିତ୍ତିଭୂମିର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି ବିଡିଓ ଆଦିକନ୍ଦ ବେହେରା ସୂଚନା ଦେଇଛନ୍ତି। ଶୁକ୍ରବାର ବିଡିଓଙ୍କ ନେତୃତ୍ୱରେ ବ୍ଲକ ପ୍ରଶାସନର ଏକ ଟେକ୍ନିକାଲ ଟିମ୍ ସ୍କୁଲକୁ ପରିଦର୍ଶନରେ ଆସିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଓ ଆଲୁମନି କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖ ସୁଦ୍ଧା ଏହି ସବୁ କାର୍ଯ୍ୟ ଶେଷ ହେବ ବୋଲି ବିଡିଓ ସୂଚନା ଦେଇଛନ୍ତି।

### ଭବାନୀ ଚରଣ ଥିଲେ ନିମାପଡ଼ା ମାଟିର ଗାନ୍ଧୀ

**ପୁରୁଣା ଭୁବନେଶ୍ୱର,୧୪।୫(ଡି.ଏନ୍.ଏ.):** ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ଶୁକ୍ରବାର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ରାଜ୍ୟସ୍ତରୀୟ ୱେବିନାର ଆୟୋଜିତ ହୋଇଯାଇଛି। ଭବାନୀ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ପ୍ରାରମ୍ଭରେ ବେଣୁଧର ସେନାପତି ପ୍ରାରମ୍ଭିକ ବକ୍ତବ୍ୟ ରଖି ଭବାନୀ ଚରଣ ପଟ୍ଟନାୟକଙ୍କ ଜୀବନାଦର୍ଶ ସମ୍ପର୍କରେ ବିବରଣୀ ରଖିଥିଲେ। ପରେ ବିଶିଷ୍ଟ ଗାନ୍ଧିବାଦୀ ଡ.ଏସ.ଏନ.ସୁବାରାଓ ଭବାନୀଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଓ ତାଙ୍କର ସେବାପ୍ରାଣ ସମ୍ପର୍କରେ ଆଲୋକପାତ କରିଥିଲେ। ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍ୱର୍ଗତ ପଟ୍ଟନାୟକଙ୍କୁ ନିମାପଡା ମାଟିର ଗାନ୍ଧୀଭାବେ ବର୍ଣ୍ଣନା କରିବା ସହ ତାଙ୍କର ସେ ରାଜନୈତିକ ଗୁରୁ ବୋଲି ଅଭିହିତ କରିଥିଲେ। ସେହିପରି ଶୋଭନୀୟ ଆନ୍ଦୋଳନ ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ, ପ୍ରହଲ୍ଲାଦ ସିଂହ, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଜାତୀୟ ଯୁବ ପ୍ରକଳ୍ପ ଓଡ଼ିଶା ଶାଖା ଆବାହକ ମଧୁସୂଦନ ଦାସ, ସଂଗ୍ରାମ ପାଇକରାୟ, ମନୋଜ ଜେନା, ବିକ୍ରମ ନାୟକ ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ବିକାଶ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ନୀରଦ ବରଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

### ୪୨୦ ଓକିଲ ଓ ପରିବାର ସଦସ୍ୟଙ୍କୁ ଦ୍ୱିତୀୟ ଡୋଜ ଟିକା

**ଭୁବନେଶ୍ୱର,୧୪।୫(ବ୍ୟୁରୋ):** ଭୁବନେଶ୍ୱରର ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓକିଲ ଓ ତାଙ୍କ ପରିବାର ସଦସ୍ୟଙ୍କୁ ମିଳିଲା ଦ୍ୱିତୀୟ ଡୋଜ କୋଭିଡ୍ ଟିକା। ଗତ ୧୨ ତାରିଖରୁ ଚାଲିଥିବା ତିନିଦିନିଆ ଟିକାକରଣ କାର୍ଯ୍ୟକ୍ରମରେ ମୋଟ ୪୨୦ଜଣ ଟିକା ନେଇଛନ୍ତି। ଓକିଲମାନେ ନିଜର ବୃତ୍ତିଗତ ପ୍ରମାଣପତ୍ର ଓ ଆଧାର କାର୍ଡ ଧରି କଟକ ରୋଡସ୍ଥିତ ଯାତ୍ରୀ ନିବାସରେ ପହଞ୍ଚିଥିଲେ। ପରେ ଧାଡିରେ ଆସି ଶାନ୍ତିଶୃଙ୍ଖଳାର ସହ ଟିକା ନେଇଥିଲେ। ଗତ ଏପ୍ରିଲ ୯ରୁ ୧୧ ତାରିଖ ମଧ୍ୟରେ ଏମାନଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଥିଲା। ଏନେଇ ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ରାଜକିଶୋର ଦାସ ଓ ସଦସ୍ୟମାନେ ଖୁସିବ୍ୟକ୍ତ କରିବା ସହ ବିଏମ୍‌ସି କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ଏଥିସହ ୧୮ରୁ ୪୪ ବର୍ଷ ବୟସ୍କ ଓକିଲ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଶୀଘ୍ର ଟିକା ଦେବାକୁ ସଂଘ ତରଫରୁ ସମ୍ପାଦକ ରାଜକିଶୋର, ସଭାପତି ନିର୍ମଳ କିଶୋର ରଥ, ଉପ ସଭାପତି ଦେବୀଦତ୍ତ ବାରିକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା ପ୍ରମୁଖ ଦାବି କରିଛନ୍ତି।

# ଭୁବନେଶ୍ୱରରୁ ଆଉ ୯୮୮ ପଜିଟିଭ୍, ୨ ମୃତ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଗତ ୨୪ ଘଣ୍ଟା ମଧ୍ୟରେ ୯୮୮ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୬୬ଜଣ କ୍ୱାରାଣ୍ଟାଇନ୍‌ରୁ ରହିଥିବାବେଳେ ୮୨୨ଜଣ ହେଉଛନ୍ତି ସ୍ଥାନୀୟ ସଂକ୍ରମିତ। ପୁରୁଣା ଭୁବନେଶ୍ୱରରୁ ସର୍ବାଧିକ ୫୧ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ପଟିଆରୁ ୫୦ ଜଣ ଓ ନୟାପଲ୍ଲୀରୁ ତୃତୀୟ ସର୍ବାଧିକ ୪୯ଜଣ ରହିଛନ୍ତି। ସେହିପରି ରସୁଲଗଡରୁ ୨୩ଜଣ, ଶହୀଦନଗରରୁ ୨୧, ସୁନ୍ଦରପଦାରୁ ୧୪, ୟୁନିଟ-୯ରୁ ୧୫, ପାତ୍ରପଡାରୁ ୧୩, ଭିଏସ୍‌ଏସ୍ ନଗରରୁ ୧୦, ଲକ୍ଷ୍ମୀସାଗରରୁ ୨୧, ଚନ୍ଦ୍ରଶେଖରପୁରରୁ ୨୪, ବଡଗଡରୁ ୨୧, ୟୁନିଟ-୬ରୁ ୧୫, ୟୁନିଟ-୮ରୁ ୧୨, ମଞ୍ଚେଶ୍ୱରରୁ ୨୩, ଚିନ୍ତାମଣିଶ୍ୱରରୁ ୧୦, ଜୟଦେବ ବିହାରରୁ ୧୬, ଝାରପଡାରୁ ୨୨, ସିଆର୍‌ପି ଛକରୁ ୩୧, ଡୁମୁଡୁମାରୁ ୩୩, ଖଣ୍ଡଗିରିରୁ ୩୧, ବରମୁଣ୍ଡାରୁ ୮, ଶାସ୍ତ୍ରୀ ନଗରରୁ ୧୫, ଟଙ୍କପାଣି ରୋଡ୍‌ରୁ ୧୦, ଭୀମଟାଙ୍ଗୀରୁ ୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଭୁବନେଶ୍ୱରରେ ସଂକ୍ରମିତଙ୍କ ସଂଖ୍ୟା ୫୯ହଜାର ୧୬୩କୁ ବୃଦ୍ଧି ପାଇଛି। ସେହିଭଳି ୭୭୭ ଜଣ ସଂକ୍ରମିତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୪୭ ହଜାର ୪୩୫ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଉ ୨ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାରୁ ଏହି ସଂଖ୍ୟା ୨୮୯କୁ ବୃଦ୍ଧି ପାଇଛି। ଏବେ ସହରରେ ୧୧ ହଜାର ୪୧୮ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି।

### ଶୋଷଣ: ସନ୍‌ସାଇନ୍ ହସ୍ପିଟାଲକୁ ନୋଟିସ୍

କୋଭିଡ୍ ସଂକ୍ରମିତଙ୍କୁ ଚିକିତ୍ସା ଯୋଗାଇବାକୁ ଘରୋଇ ହସ୍ପିଟାଲ ଅମଙ୍ଗ ହେଉଛନ୍ତି। ବାହାନା କରି ଅନ୍ୟତ୍ର ପଠାଇ ଦେଉଛନ୍ତି। ଯଦି କୌଣସି କୋଭିଡ ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି, ତେବେ ତାଙ୍କଠାରୁ ସରକାର ଧାର୍ଯ୍ୟ କରିଥିବା ଫି'ଠାରୁ ଅଧିକ ନିଆଯାଉଛି। ଏନେଇ ଅଭିଯୋଗ ପାଇବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଲକ୍ଷ୍ମୀସାଗରସ୍ଥିତ ସନ୍‌ସାଇନ୍ ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

# କୋଭିଡ୍ ମୃତକଙ୍କ ସଂସ୍କାର ପାଇଁ ପଟିଆରେ ଶ୍ମଶାନ

**୨୫ ସୁଦ୍ଧା କାର୍ଯ୍ୟକ୍ଷମ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୪।୫ (ବ୍ୟୁରୋ)

ରାଜଧାନୀରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଅନ୍ୟ ଅଞ୍ଚଳରୁ ମଧ୍ୟ ସଂକ୍ରମିତମାନେ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି। ଫଳରେ ଏଠାରେ ମୃତ୍ୟୁ ଘଟିଲେ ସେମାନଙ୍କୁ ସହରରେ ଥିବା ଏକମାତ୍ର ସତ୍ୟନଗର ଶ୍ମଶାନରେ ସଂସ୍କାର କରାଯାଉଛି। ଅତ୍ୟଧିକ ଚାପ ପଡୁଥିବାରୁ ପଟିଆରେ ଆଉଏକ ଶ୍ମଶାନ ନିର୍ମାଣ କରାଯାଉଛି। ଶୁକ୍ରବାର ବିଏମ୍‌ସି କମିଶନର ସେଠାକୁ ପରିଦର୍ଶନରେ ଯାଇ କାର୍ଯ୍ୟ ତଦାରଖ କରିଥିଲେ। ଶୀଘ୍ର ନିର୍ମାଣ କାର୍ଯ୍ୟ ସାରିବା ସହ ଆସନ୍ତା ୨୫ରୁ ଶ୍ମଶାନ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶ୍ମଶାନରେ ଏଲ୍‌ପିଜିରେ ଶବଦାହ ଚୂଲା ବ୍ୟବସ୍ଥା ରହିଛି। ଶବଦାହ ପାଇଁ ଆଉ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡିବ ନାହିଁ ବୋଲି କମିଶନର କହିଛନ୍ତି।

# କୋଭିଡ୍ ହସ୍ପିଟାଲ ପରିଦର୍ଶନ କଲେ ଅଗ୍ନିଶମ ଡିଜି



ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଅଗ୍ନିଶମ ଡିଜି ଏମ୍ ଅକ୍ଷୟ ଶୁକ୍ରବାର କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀରେ ଥିବା ସମସ୍ତ କୋଭିଡ଼ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ବିଭାଗର ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ହସ୍ପିଟାଲକୁ ଯାଇ ନିୟୋଜିତ ଅଗ୍ନିଶମ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ହସ୍ପିଟାଲରେ କୌଣସି ଦୁର୍ଘଟଣା ଘଟିଲେ କିଭଳି ତ୍ୱରିତ ପଦକ୍ଷେପ ନେଇପାରିବେ ସେ ନେଇ ଅଗ୍ନିଶମ କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିସହିତ ନିୟୋଜିତ କର୍ମଚାରୀମାନେ ହସ୍ପିଟାଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ନିୟମିତ ମକ୍‌ଡ୍ରିଲ୍ କରାଉଛନ୍ତି କି ନାହିଁ ସେନେଇ ତଦାରଖ କରିଥିଲେ। ଅନ୍ୟପକ୍ଷେ ଅଗ୍ନିଶମ ମହାନିରୀକ୍ଷକ ଅସିତ ପାଣିଗ୍ରାହୀ କଟକରେ ଥିବା କେତେକ କୋଭିଡ଼ ହସ୍ପିଟାଲ ପରିଦର୍ଶନ କରି ସ୍ଥିତି ପରଖିଥିଲେ।

# ନୂଆ କମିଶନରଙ୍କ କୋଭିଡ୍ ସ୍ଥିତି ଅନୁଧ୍ୟାନ | ସହଯୋଗ ଲୋଡ଼ିଲେ

ଭୁବନେଶ୍ୱର, ୧୪।୫ (ବ୍ୟୁରୋ)

ରାଜଧାନୀରେ କୋଭିଡ୍ ସ୍ଥିତି ଅନୁଧ୍ୟାନ ପାଇଁ ନୂଆ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ଶୁକ୍ରବାର କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଟିକାକରଣ କେନ୍ଦ୍ର, ଟେଷ୍ଟିଂ ସେଣ୍ଟର ଓ ଶ୍ମଶାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ୟୁନିଟ୍-୩ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନବେଳେ ଟିକାକରଣ ପାଇଁ ନାଗରିକମାନେ ସ୍ଲଟ୍ ବୁକିଂ କରି ଧାଡ଼ିରେ ଅପେକ୍ଷା କରିଥିବାରୁ କମିଶନର ଖୁସି ବ୍ୟକ୍ତ କରିବା ସହ ଧନ୍ୟବାଦ ଜଣାଇଥିଲେ। ଟିକାକରଣକୁ ଆହୁରି ଆଗେଇ ନେବା ଓ କରୋନାର ସଫଳ ମୁକାବିଲା ପାଇଁ ସେ ଏହି ଅବସରରେ ସହରବାସୀଙ୍କ ସହଯୋଗ ଲୋଡ଼ିଥିଲେ। ଏହାପରେ କମିଶନର ସିଂହ ୟୁନିଟ୍-୯ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ଏହି ଅବସରରେ ସେ କହିଲେ, ୧୯୨୯ କଲ୍‌ସେଣ୍ଟର୍ ଦିବାରାତ୍ର କାର୍ଯ୍ୟ କରୁଛି। ଆଗାମୀ ଦିନରେ ଆହୁରି ଟେଲିଫୋନ ନମ୍ବର ବୃଦ୍ଧି ପାଇଁ କୁହାଯାଇଛି। ଭିତ୍ତିଭୂମି ବୃଦ୍ଧି କରାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ବସ୍ତି ଅଞ୍ଚଳକୁ ଫୋକସ୍‌ରେ ରଖାଯାଇଛି। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସଂକ୍ରମଣ ରୋକିବାକୁ ଲୋକେ ଶୃଙ୍ଖଳାଗତ ଆଚରଣ କରିବା ଉଚିତ। ଯେଉଁଠି ଆମେ ଅମାନିଆ ହେବା ସେଠି ସଂକ୍ରମଣ ବଢ଼ିବ। ଲକ୍‌ଡାଉନ ଅବଧି ବୃଦ୍ଧି ହେବକି ନାହିଁ ସରକାର ସ୍ଥିତିକୁ ଦେଖି ନିଷ୍ପତି ନେବେ। ହସ୍ପିଟାଲର ଶଯ୍ୟା ବୃଦ୍ଧି ଜାରି ରହିଛି ବୋଲି କମିଶନର ସିଂହ ସୂଚନା ଦେଇଛନ୍ତି। ତାଙ୍କ ସହ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ଟିକାକରଣ କେନ୍ଦ୍ରରେ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ଆଲୋଚନା କରୁଛନ୍ତି।

### ଶ୍ମଶାନ ଦାୟିତ୍ୱ ନେଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

ଭୁବନେଶ୍ୱର, ୧୪।୫ (ବ୍ୟୁରୋ)

ବିଏମ୍‌ସି ଅଧୀନ ଭରତପୁର ଶ୍ମଶାନର ପରିଚାଳନା ଦାୟିତ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦୀପ ସେବା ଟ୍ରଷ୍ଟକୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ଭାବେ ୧ବର୍ଷ ପାଇଁ ପରିଚାଳନା କରିବ ଟ୍ରଷ୍ଟ। ଏନେଇ ବିଏମ୍‌ସି ଡେପୁଟି କମିଶନର (ରାଜସ୍ୱ)ଶ୍ରୀମନ୍ତ ମିଶ୍ର ଓ ସଂସ୍ଥା ତରଫରୁ ମଧୁସ୍ମିତା ପୃଷ୍ଟି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆସନ୍ତା ଏକ ସପ୍ତାହ ମଧ୍ୟରେ ସଂସ୍ଥା କାର୍ଯ୍ୟ ଆରମ୍ଭ କରିବ। ଚୁକ୍ତି ଅନୁସାରେ, ଅପରିଚିତ ଶବକୁ ସତ୍କାର ପାଇଁ ସଂସ୍ଥାକୁ କୌଣସି ଦେୟ ଦିଆଯିବ ନାହିଁ। ମାତ୍ର କୋଭିଡ୍ ମୃତକଙ୍କ ସଂସ୍କାର ପାଇଁ ପରିବହନ, ବିଶୋଧନ ଓ ଶବବାହକ/ବାହିକାଙ୍କ ନିମନ୍ତେ ଏହି ସଂସ୍ଥା ଅନୁମୋଦିତ ଦେୟ ପାଇବେ। ଅଣ କୋଭିଡ୍ ମୃତଦେହର ସଂସ୍କାର ପାଇଁ ଜାଳେଣୀ କାଠର ଦେୟ ପାଇବେ। ଏହି ଶ୍ମଶାନରେ ଏକ ସମୟରେ ୮ ଶବ ସତ୍କାର କରାଯାଇ ପାରିବ। ଆବଶ୍ୟକ ଜାଳେଣୀ କାଠ ସଂପୃକ୍ତ ସଂସ୍ଥା ଆୟୋଜନ କରିବେ ଓ ଏଥିପାଇଁ ସଂପୃକ୍ତ ପରିବାରଠାରୁ ୨୫ଶହ ଟଙ୍କା ପାଇବେ। ପୂଜା ସାମଗ୍ରୀ ଇତ୍ୟାଦି ଅନ୍ୟାନ୍ୟ ଆବଶ୍ୟକ ସରଞ୍ଜାମ କିଣି ବଜାର ଦରରେ ଏହାକୁ ବିକ୍ରି କରିପାରିବେ ବୋଲି ସୂଚନା ଦିଆଯାଇଛି। ଅଭିଯୋଗ ଆସିଲେ ବିଏମ୍‌ସି ପଦକ୍ଷେପ ନେବ।


ସତ୍ୟନଗର ମସ୍‌ଜିଦ୍‌ରେ ମୁସଲମାନ ସମ୍ପ୍ରଦାୟର ଲୋକେ ପରସ୍ପରକୁ ନ ଛୁଇଁ ଇଦ୍ ମୁବାରକ ଜଣାଉଛନ୍ତି।

# ଆମ୍ବୁଲାନ୍ସରେ ଲାଗିଲା ଜିପିଏସ୍



- କୋଭିଡ୍ ରୋଗୀଙ୍କୁ ମିଳିବ ତ୍ୱରିତ ସେବା
- ପ୍ରତ୍ୟେକ ଜୋନ୍‌ରେ ରହିବ ୧୦ ଆମ୍ବୁଲାନ୍ସ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

କରୋନା ସଂକ୍ରମିତଙ୍କୁ ଯଥାଶୀଘ୍ର କୋଭିଡ୍ କେୟାର ହସ୍ପିଟାଲ(ସିଏଚ୍‌ସି) ଓ କୋଭିଡ୍ କେୟାର ସେଣ୍ଟର(ସିସିସି)କୁ ପଠାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆଉ ଏକ ପଦକ୍ଷେପ ହାତକୁ ନେଇଛି। ଏବେ କୋଭିଡ୍ ସଂକ୍ରମିତଙ୍କୁ ହସ୍ପିଟାଲ ପଠାଇବା ପାଇଁ ୬୪ଟି ଆମ୍ବୁଲାନ୍ସ ରହିଛି। ସେଥିମଧ୍ୟରୁ ୪୦ଟି ଆମ୍ବୁଲାନ୍ସରେ ଜିପିଏସ୍ ସଂଯୋଗ କରାଯାଇଛି। ଯଥାଶୀଘ୍ର ଅନ୍ୟ ଆମ୍ବୁଲାନ୍ସରେ ମଧ୍ୟ ଜିପିଏସ୍ ସଂଯୋଗ କରିବାକୁ ବିଏମ୍‌ସି କମିଶନର ସଞ୍ଜୟ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ଦ୍ୱାରା ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ୧୯୨୯କୁ ଫୋନ୍ କଲ୍ ଆସିବା ପରେ ସିସିସି କିମ୍ବା ସିଏଚ୍‌ସିକୁ ପଠାଇବା ପାଇଁ ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ୍‌ରୁ ସମସ୍ତ ପ୍ରକ୍ରିୟା କରାଯାଇଥାଏ। ମାତ୍ର ଏବେ ବିକେନ୍ଦ୍ରୀକରଣ କରାଯାଇ ଏହି ସେବାକୁ ଆହୁରି ଶୀଘ୍ର କରିବା ପାଇଁ ପ୍ରକ୍ରିୟା ଚାଲୁ ରହିଛି। ପ୍ରତ୍ୟେକ ଜୋନ୍‌ରେ ଏବେ ୩ଟି ଲେଖାଏ ଆମ୍ବୁଲାନ୍ସ ରହିଛି। ଏବେ ଏହାକୁ ବୃଦ୍ଧି କରି ପ୍ରତି ଜୋନ୍‌କୁ ଆହୁରି ୭ଟି ଲେଖାଏ ଆମ୍ବୁଲାନ୍ସ ପ୍ରଦାନ କରାଯିବ। ସେହିପରି ଜୋନାଲ୍ କଣ୍ଟ୍ରୋଲ ରୁମ୍ କରାଯାଇ ସଂକ୍ରମିତ ବ୍ୟକ୍ତିଙ୍କୁ ପଠାଯିବ। ଜୋନାଲ କଣ୍ଟ୍ରୋଲ ରୁମ୍‌ରେ ଜଣେ ଓଆର୍‌ଏସ୍ ଅଫିସର, ଜଣେ ଏଏସ୍‌ଓ ଓ ଜଣେ ଡିଇଓ ରହି ଏହି କାର୍ଯ୍ୟ କରିବେ। ବଳକା ୩୪ଟି ଆମ୍ବୁଲାନ୍ସ କ୍ୟାପିଟାଲ ହସ୍ପିଟାଲ୍‌ର ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ୍‌ରେ ରହିବେ ଓ ଏହାର ସଂଯୋଗକାରୀ ଭାବେ ଜଣେ ଓଏଏସ୍ ଅଫିସର ରହିବେ। ସେମାନଙ୍କ ସହ ଆୟୁଷ ଡାକ୍ତର, ଏଏସ୍‌ଓ ଓ ଡିଇଓ ମଧ୍ୟ ରହିବେ।

# ଲିଙ୍କ୍‌ରେ କ୍ଲିକ୍ ନ କରିବାକୁ ଡିସିପିଙ୍କ ପରାମର୍ଶ

ଭୁବନେଶ୍ୱର,୧୪।୫ (ବ୍ୟୁରୋ)

**ସାଇବର ଠକେଇର ଶିକାର ହେଲେ ଡାଏଲ୍ '୭୫୪୦୦୦୬୭୦୯'**

ନିଜର କେୱାଇସି ଅପ୍‌ଡେଟ୍ କରିବା କିମ୍ବା ମାଗଣା ମୋବାଇଲ୍ ଡାଟା ମିଳିବାର ପ୍ରତିଶ୍ରୁତି ଦେଉଥିବା ବିଭ୍ରାନ୍ତକାରୀ ମେସେଜଗୁଡିକ ପ୍ରତି ସାବଧାନ ରୁହନ୍ତୁ। ଏଭଳି ମେସେଜ୍‌ରେ ଦିଆଯାଇଥିବା କୌଣସି ନମ୍ବର୍‌ରେ କଲ୍ କରନ୍ତୁ ନାହିଁ କିମ୍ବା କୌଣସି ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ। ଅଜଣା କିମ୍ବା ସନ୍ଦେହଜନକ ନମ୍ବର୍‌ରୁ ଆସୁଥିବା କଲ୍‌ରେ ନିଜର ବ୍ୟକ୍ତିଗତ ବିବରଣୀ ଦିଅନ୍ତୁ ନାହିଁ। ଯଦି ଆପଣ ଏପରି ଠକାମିର ଶିକାର ହୋଇଛନ୍ତି, ତୁରନ୍ତ ହେଲ୍ପ ଡେସ୍କ ନଂ.୭୫୪୦୦୦୬୭୦୯ ସହିତ ଯୋଗାଯୋଗ କରନ୍ତୁ ବୋଲି ଡିସିପି ଉମାଶଙ୍କର ଦାଶ ଟୁଇଟ୍ ମାଧ୍ୟମରେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଏବେ ସାଇବର ଠକେଇ ର୍ୟାକେଟ ସକ୍ରିୟ ରହିଛି। ବିଭିନ୍ନ ଉପାୟରେ ଲୋକଙ୍କଠାରୁ କୋଟିକୋଟି ଟଙ୍କା ଲୁଟି ନେଉଛନ୍ତି। ଏହାକୁ ନେଇ ଗତ ୧୧ ତାରିଖରେ 'ଧରିତ୍ରୀ'ରେ 'ଲିଙ୍କ୍‌ରେ କ୍ଲିକ୍ କଲେ ଆକାଉଣ୍ଟ ହ୍ୟାକ, କରୋନା କାଳରେ ମାତିଛନ୍ତି ସାଇବର ହ୍ୟାକର' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ପୂର୍ବରୁ ସାଇବର ଠକ ବିଭିନ୍ନ ଆଳରେ କଲ୍ କରି ଲୋକଙ୍କ ବ୍ୟାଙ୍କ ତଥ୍ୟ ନେଇ ଠକୁଥିବା ବେଳେ ଏବେ ସୋସିଆଲ୍ ମିଡିଆରେ ଲିଙ୍କ୍ ପଠାଇ ଜନସାଧାରଣଙ୍କୁ ଫସାଉଛନ୍ତି। ବିଶେଷକରି ଯୁବଗୋଷ୍ଠୀ ଏହାଦ୍ୱାରା ଅଧିକ ଶିକାର ହେଉଛନ୍ତି। ଏପରିକି ଓଡ଼ିଶାର ଜଣାଶୁଣା ଆଇଏଏସ୍, ଆଇପିଏସ୍ ଅଫିସର, ଡାକ୍ତର ଓ ଖବରଦାତା ମଧ୍ୟ ବିଭିନ୍ନ ସମୟରେ ଏଭଳି ଠକଙ୍କ ଶିକାର ହେଉଥିବାରୁ ଏହାକୁ ରୋକିବାରେ ଡିସିପିଙ୍କ ଟୁଇଟ୍ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।

# ଟ୍ରେନ୍ ଲୁଟେରା ଗ୍ୟାଙ୍ଗ୍‌ର ୬ ଗିରଫ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

- ମାରଣାସ୍ତ୍ର, ୩ ଲାପ୍‌ଟପ୍, ୬ ଫୋନ୍ ଜବତ
- ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୨ କୋଭିଡ଼ ପଜିଟିଭ୍

ଟ୍ରେନ୍‌ରେ ଯାତ୍ରୀଙ୍କଠାରୁ ଲୁଟ୍ କରୁଥିବା ଏକ ଗ୍ୟାଙ୍ଗ୍‌କୁ ଜିଆର୍‌ପି ଓ ଆର୍‌ପିଏଫ୍‌ର ମିଳିତ ଟିମ୍ ଶୁକ୍ରବାର ବୁଦ୍ଧନଗର ମୋଚିସାହି ଅଞ୍ଚଳରୁ ଧରିଛି। ରେଲୱେ ଟ୍ରାକ୍ ନିକଟ ପୋଲ ତଳେ ଲୁଟ୍ ଯୋଜନା ଚାଲିଥିବାବେଳେ ସେଠାରେ ଚଢ଼ାଉ କରି ପୋଲିସ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ସୀମାଞ୍ଚଳ ପାଢୀ, ବିଶ୍ୱଜିତ୍ ପଣ୍ଡା, ଜୟଦେବ ଦାସ, ରବି ବେହେରା ଓ ଗୋବିନ୍ଦ ସାହୁ। ସେମାନଙ୍କଠାରୁ ଛୁରୀ, ଚାପଡ଼, ଲଙ୍କା ଗୁଣ୍ଡ, କଳା ମାସ୍କ, ୩ ଲାପଟପ୍, ୬ ମୋବାଇଲ ଫୋନ, ୩ ଏଟିଏମ୍ ସ୍ୱାଇପ୍ ମେଶିନ, ପ୍ରିଣ୍ଟିଂ ମେଶିନ ଆଦି ଜବତ କରାଯାଇଛି। ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ରବି ଓ ଗୋବିନ୍ଦଙ୍କ କୋଭିଡ଼ ରିପୋର୍ଟ ପଜିଟିଭ ବାହାରିବାରୁ ସେମାନଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଏମାନଙ୍କ ନାମରେ ଜିଆର୍‌ପି ଥାନାରେ ଏକାଧିକ ଲୁଟ୍ ଓ ଚୋରି ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ବୁଧବାର ରାତିରେ ଜଣେ ଯାତ୍ରୀ ସନ୍ତ୍ରାଗାଛି-ଚେନ୍ନାଇ ଟ୍ରେନ୍‌ରେ ଯାଉଥିଲେ। ଭୁବନେଶ୍ୱର ଷ୍ଟେଶନରେ ଟ୍ରେନ୍ ଛାଡୁଥିବାବେଳେ କେତେଜଣ ଅଭିଯୁକ୍ତ ତାଙ୍କର ଏକ ବ୍ୟାଗ୍ ନେଇ ପଳାଇଥିଲେ। ସେଥିରେ ଏକ ଲାପଟପ, ହାର୍ଡ଼ଡ଼ିସ୍କ ଓ ମୋବାଇଲ ଫୋନ୍ ରହିଥିଲା। ଏନେଇ ବ୍ୟକ୍ତି ଜଣକ ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ଏହାପରେ ମିଳିତ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହେବା ସହ ଷ୍ଟେଶନଠାରୁ ୨ କିମି ଅଞ୍ଚଳ ମଧ୍ୟରେ ଲୁଟେରାଙ୍କ ଉପରେ ନଜର ରଖାଯାଇଥିଲା। ଗୁରୁବାର ଷ୍ଟେଶନ ନିକଟ ମୋଚିସାହି ଟ୍ରେନ୍ ଟ୍ରାକ୍ ନିକଟ ପୋଲତଳ ଅନ୍ଧାରିଆ ସ୍ଥାନରେ କେତେଜଣ ବ୍ୟକ୍ତି ବସି କିଛି ଯୋଜନା କରୁଥିବା ପୋଲିସକୁ ଖବର ମିଳିବା ପରେ ତୁରନ୍ତ ସେଠାରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ଲୁଟେରା ଗ୍ୟାଙ୍ଗ୍ ସମ୍ପର୍କରେ ଜଣାପଡିଥିଲା।



**ସଂକ୍ଷେପରେ**

## ଆଜି ୧୫ କେନ୍ଦ୍ରରେ ଦିଆଯିବ ଟିକା

**କଟକ ଅଫିସ,୧୪।୫:** କଟକ ମହାନଗର ନିଗମ (ସିଏମସି) ଅଞ୍ଚଳର ୧୫ଟି ଟିକାକରଣ କେନ୍ଦ୍ରରେ ଶନିବାର ଟିକାଦାନ କରାଯିବ। ଶୁକ୍ରବାର ଇଦ୍ କାରଣରୁ ସହରରେ ଟିକାଦାନ ବନ୍ଦ ରହିଥିଲା। ଏଥିପାଇଁ ଶନିବାର ଟିକାଦାନ ବ୍ୟବସ୍ଥା କରାଯାଇଛି । ୧୨ଟି ଟିକା କେନ୍ଦ୍ରରେ ଅନଲାଇନ ଆବେଦନ କରିଥିବା ଲୋକଙ୍କୁ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ । ସିଡିଏ ଓ ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସିଟି ହସ୍ପିଟାଲରେ ଟୋକନ ବ୍ୟବସ୍ଥାରେ ୪୫ ରୁ ୫୯ ବର୍ଷ ଲୋକଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯିବ। ଆସନ୍ତା ରବିବାର ଶଟ୍‌ଡାଉନ୍ ଯୋଗୁ ଟିକା ଦାନ ବନ୍ଦ ରହିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

## ଜିଲାରେ ବ୍ୟାପକ ହେଉଛି ଟିକାକରଣ

**କଟକ ଅଫିସ,୧୪।୫:** କଟକ ଜିଲାରେ କରୋନା ସଂକ୍ରମଣ ବଢିବାରେ ଲାଗିଛି। ଶୁକ୍ରବାର ଜିଲାରେ ୭୩୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ତେବେ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଟିକାକରଣକୁ ବ୍ୟାପକ କରାଯାଇଛି। ଜାନୁୟାରୀ ୧୬ରୁ ଏପର୍ଯ୍ୟନ୍ତ ଲୋକଙ୍କୁ ୪୪୦୨୩୦ ଡୋଜ୍ ଟିକା ଦିଆଯାଇଛି। ସେଥିମଧ୍ୟରୁ ୩,୪୧,୩୯୪ ଜଣ ପ୍ରଥମ ଡୋଜ୍ ଓ ୯୮,୮୩୬ ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଆଗାମୀ ଦିନରେ ୨୪୨,୫୫୮ ଜଣ ଦ୍ୱିତୀୟ ଡୋଜ୍ ନେବାକୁ ବାକି ରହିଥିବା ପ୍ରଶାସନ ପକ୍ଷରୁ ଜଣାପଡିଛି।

## ମଦ ଜବତ : ୩ ଗିରଫ

**କଟକ ଅଫିସ, ୧୪।୫:** ଦେଶୀ ମଦ ବିକ୍ରି ଅଭିଯୋଗରେ ବିଡାନାସୀ ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିଡାନାସୀ ବନ୍ଧସାହି ଅଞ୍ଚଳର ଶୁକଦେବ ନାୟକ, ଆଠଗଡ଼ର ପୂର୍ଣ୍ଣଚନ୍ଦ୍ର ବେହେରା ଓ ଦେବାଶିଷ ମହାରଣା। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଦେଶୀମଦ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ରାଜସ୍ୱ ରଥ ଶୁଭାରମ୍ଭ

**କଟକ ଅଫିସ, ୧୪।୫:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରୀ କାର୍ଯ୍ୟାଳୟଗୁଡିକରେ ଜନସାଧାରଣଙ୍କ ପ୍ରବେଶକୁ ନିଷେଧ କରାଯାଇଛି। ଏହି ସମୟରେ ଜନସାଧାରଣଙ୍କୁ ରାଜସ୍ୱ ସେବା ଯୋଗାଇଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜସ୍ୱ ରଥ ଶୁଭାରମ୍ଭ ହୋଇଛି। ଏହି ରଥ ଶୁକ୍ରବାର ବାଙ୍କୀ, ସାଲେପୁର, ଚୌଦ୍ୱାର ଅଞ୍ଚଳରେ ଭ୍ରମଣ କରିବା ସହ ଉପଭୋକ୍ତାଙ୍କୁ ରେକର୍ଡ ଅଫ ରାଇଟ୍ସ ଅଧୀନ ଜମିଜମା କାଗଜପତ୍ର, ଆୟ ପ୍ରମାଣପତ୍ର ଆଦି ବଣ୍ଟନ କରାଯାଇଥିଲା। ଏଥିସହ ଜନସାଧାରଣଙ୍କଠାରୁ ବିଭିନ୍ନ ଦରଖାସ୍ତ ନିଆଯାଇଥିଲା। ଅନ୍ୟପକ୍ଷରେ ଜନସାଧାରଣଙ୍କୁ ସରକାରୀ ସେବା ଉପଲବ୍ଧ କରିବାରେ ଯେପରି କୌଣସି ସମସ୍ୟା ନ ଉପୁଜେ ସେଥିନିମନ୍ତେ ଜିଲାପାଳ ଭବାନୀ ଶଙ୍କର ଚୟନୀ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଆବଶ୍ୟକ ସରକାରୀ କାର୍ଯ୍ୟ ସମ୍ପାଦନ ସହ ଉପଭୋକ୍ତାଙ୍କୁ ସରକାରୀ ସହାୟତା ଓ ସେବା ପ୍ରଦାନ ନିମନ୍ତେ ଜିଲାପାଳ ଜିଲାର ଅଧିକାରୀମାନଙ୍କ ସହ ପ୍ରତିଦିନ ଆଲୋଚନା କରି ସ୍ଥିତି ତଦାରଖ କରୁଛନ୍ତି ବୋଲି ଜଣାପଡିଛି।

# ଫିଙ୍କା ପଡ଼ିଲା ଇଦ୍, ଘରେ ନମାଜ ପାଠ

**କଟକ ଅଫିସ/ ଚୌଦ୍ୱାର,୧୪।୫(ଡି.ଏନ୍.ଏ.)**

ଚଳିତବର୍ଷ କଟକ ସହରରେ ଫିକା ପଡିଲା ଇଦ୍ ପର୍ବ। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ବିଭିନ୍ନ ମସ୍‌ଜିଦ୍‌ରେ ଏକତ୍ରିତ ନ ହେବା ପାଇଁ କଟକଣା ଜାରି କରାଯାଇଥିଲା। ଏଥିପାଇଁ ସହରର ବିଭିନ୍ନ ମସ୍‌ଜିଦ୍ ଓ ଇଦ୍‌ଗାରେ ଗହଳି ଦେଖିବାକୁ ମିଳି ନ ଥିଲା। ସକାଳ ୬.୩୦ରୁ ପୂର୍ବାହ୍ନ ୧୦.୩୦ଟା ମଧ୍ୟରେ ଭିନ୍ନ ଭିନ୍ନ ସମୟରେ ଜଣେ ମୌଲବୀଙ୍କ ସହ ୫ ଜଣ ମିଶି ନମାଜ ପାଠ କରିଥିଲେ। ସେମାନଙ୍କ ବ୍ୟତୀତ ସର୍ବସାଧାରଣଙ୍କ ପ୍ରବେଶ ନିଷେଧ ରହିଥିଲା । ମସଜିଦ ଭିତରକୁ ଯେମିତି କେହି ପ୍ରବେଶ ନ କରନ୍ତି ସେଥିପାଇଁ ଏହାର ମୁଖ୍ୟ ଫାଟକରେ ତାଲା ପଡିଥିଲା। ସହରର ବିଭିନ୍ନ ମସ୍‌ଜିଦ୍ ଓ ଇଦ୍‌ଗାରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲା। ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ଘରେ ରହି ନିରାଡମ୍ବର ଭାବେ ଇଦ୍ ପାଳନ କରିବା ସହ ନମାଜ ପାଠ କରିଥିବା ଦେଖିବାକୁ ମିଳିଥିଲା।

କଟକ ସହରରେ ୪୦ରୁ ଊର୍ଦ୍ଧ୍ୱ ମସ୍‌ଜିଦ୍ ରହିଛି । ପ୍ରତିବର୍ଷ ଇଦ୍ ସମୟରେ ଏହି ମସଜିଦଗୁଡିକରେ ଶତାଧିକ ସଂଖ୍ୟାରେ ଇସଲାମ୍ ଧର୍ମାବଲମ୍ବୀ ଏକତ୍ରିତ ହୋଇ ସାମୂହିକ ନମାଜ ପାଠ କରିଥାନ୍ତି । କିନ୍ତୁ ଚଳିତବର୍ଷ ଏହା ହୋଇପାରିନାହିଁ। ଏ ନେଇ କଦମ ରସୁଲ ଡେଭଲପମେଣ୍ଟ କମିଟି ସଭାପତି ସେଖ୍ ମୁନ୍ତାକିମ୍ ବକ୍ସ କହିଛନ୍ତି, ମହାମାରୀ ସମୟରେ ଗରିବ ନିରାଶ୍ରୟ ଲୋକ ଖାଇବାକୁ ପାଉ ନ ଥିବା ବେଳେ ଜାକଜମକରେ ଇଦ୍ ପାଳନ କରିବା ମାନବିକତା ନୁହେଁ। ସେହିଭଳି ଚାନ୍ଦ କମିଟିର ସଦସ୍ୟ ରମଜାନ ଖାନ୍ କହିଛନ୍ତି, କରୋନା ଯୋଗୁ ମସ୍‌ଜିଦରେ ସାମୂହିକ ନମାଜପାଠ ହୋଇ ପାରିଲାନାହିଁ। ବର୍ତ୍ତମାନ ପରିସ୍ଥିତିରେ ଜୀବନ ବଞ୍ଚିଲେ ଆଗାମୀ ଦିନରେ ପର୍ବ ପାଳନ କରିପାରିବୁ। ସେଥିଲାଗି

**ମସ୍‌ଜିଦ୍ ଫାଟକରେ ତାଲା, ପୋଲିସ ମୁତୟନ**

ପ୍ରଶାସନର ଗାଇଡ୍‌ଲାଇନ୍ ମାନି ଘରେ ଇଦ୍ ପାଳନ କରିଛୁ।

ଚୌଦ୍ୱାରର ବିଭିନ୍ନ ସ୍ଥାନରେ ନିରାଡମ୍ବର ଭାବେ ଇଦ୍ ପାଳନ ହୋଇଥିଲା। ଚୌଦ୍ୱାର ମୁସଲିମ୍ ପଞ୍ଚାୟତ ସଭାପତି ସେକ୍ ସାଜିଦ୍ ଚାନ୍ଦ୍, ଉପ ସଭାପତି କରିମ୍ ବକ୍ସ, ସମ୍ପାଦକ ରହିମ୍ ବେଗ୍, ଏହେସାନ୍ ରକିବ୍ ସାହା ପ୍ରମୁଖ ସମାଜିକ ଦୂରତା ରକ୍ଷାକରି ମସଜିଦ୍‌ରେ ନମାଜ ପାଠ କରିଥିଲେ। କରୋନା କଟକଣା ଯୋଗୁ ଚଳିତବର୍ଷ ସମୂହ ନମାଜପାଠ, ବନ୍ଧୁ ମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଥିବା ମୁସଲିମ୍ ପଞ୍ଚାୟତର ସଦସ୍ୟମାନେ କହିଛନ୍ତି। ଚଳିତବର୍ଷ ଲୋକମାନେ ମୋବାଇଲରେ ପରସ୍ପରକୁ ଇଦ୍ ଅଭିନନ୍ଦନ ଜଣାଇଥିବା ଜଣାପଡ଼ିଛି। ସେହିପରି ଟାଙ୍ଗୀ–ଚୌଦ୍ୱାର ବ୍ଲକ ବରହମପୁର ଗ୍ରାମସ୍ଥିତ ମସ୍‌ଜିଦ୍‌ରେ କରୋନା କଟକଣା ଭିତରେ ଇଦ୍ ପର୍ବ ପାଳିତ ହୋଇଥିଲା।



କଦମ ରସୁଲ ସମ୍ମୁଖରେ ପୋଲିସ ମୁତୟନ।



ଲକ୍‌ଡାଉନ ଯୋଗୁ ଶୁକ୍ରବାର କଟକ ଦରଘାବଜାର ଥାନା ସମ୍ମୁଖରେ ପୋଲିସ ଗାଡ଼ି ଯାଞ୍ଚ କରୁଛି।

# ଘରେ ଦିଆଯିବ ଭତ୍ତା

**କଟକ ଅଫିସ, ୧୪।୫**

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଆସନ୍ତା ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଭତ୍ତା ଦିଆଯିବ। ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସ ସୂଚନା ଦେଇଛନ୍ତି। ଏହି ଭତ୍ତା ପ୍ରତ୍ୟେକ ହିତାଧିକାରୀଙ୍କ ଘରେ ସିଏମ୍‌ସି ଅଧିକାରୀ ପହଞ୍ଚି ପ୍ରଦାନ କରିବେ। ପ୍ରତ୍ୟେକ ମାସର ୧୫ ତାରିଖରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ପ୍ରଦାନ କରାଯାଇଥାଏ। ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌କୁ ଦୃଷ୍ଟିର ରଖି ହିତାଧିକାରୀଙ୍କୁ ଘରେ ଭତ୍ତା ଦିଆଯିବା ପାଇଁ ସିଏମସି ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୨ ଓ ୨୩ ତାରିଖ ସପ୍ତାହନ୍ତ ଶଟ୍‌ଡାଉନ୍ ରହୁଥିବାରୁ ୨୪, ୨୫ ଓ ୨୬ ତାରିଖରେ ଭତ୍ତା ପ୍ରଦାନ କରାଯିବ ବୋଲି କମିଶନର ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଏହାକୁ ନେଇ ସିଏମ୍‌ସି ପକ୍ଷରୁ ଡାକବାଜି ଯନ୍ତ୍ରରେ ସହରର ବିଭିନ୍ନ ସ୍ଥାନରେ ପ୍ରଚାର କରାଯାଇଛି। ଅପରପକ୍ଷେ ୧୮ନଂ. ୱାର୍ଡର ପୂର୍ବତନ କର୍ପୋରେଟର ଅରୁଣ ସେଠୀ କହିଛନ୍ତି, ଡାକବାଜି ଯନ୍ତ୍ର କେବଳ ସହରର ମୁଖ୍ୟ ସ୍ଥାନରେ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ହେଲେ ପ୍ରକୃତ ହିତାଧିକାରୀ ରହୁଥିବା ଅଞ୍ଚଳରେ ପ୍ରଚାର କରାଯାଇନାହିଁ।

# କିଶୋରନଗର ହାଟ ବନ୍ଦ କଲା ପୋଲିସ

**କଟକ ସଦର,୧୪।୫(ଡି.ଏନ.ଏ.)**

**କୋଭିଡ୍ ନିୟମ ଉଲ୍ଲଂଘନ**

କଟକ ସଦର ବ୍ଲକ ଅଧୀନ କିଶୋରନଗର ହାଟରେ ଶୁକ୍ରବାର ବହୁସଂଖ୍ୟାରେ ଜନସମାଗମ ହୋଇଥିଲା। କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ହେଉ ନ ଥିବାରୁ କିଶୋରନଗର ପୋଲିସ ହାଟକୁ ବନ୍ଦ କରିଦେଇଥିଲା। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଶୋରନଗର ହାଟପଡିଆଟି ବଡ଼ ଥିବାରୁ ଏଠାରେ ସାମାଜିକ ଦୂରତା ସହ ଅତିକମ୍‌ରେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ହାଟ ଚାଲିବା ସୁଯୋଗ ଦେବା ପାଇଁ ଉତ୍କଳ ବିକାଶ ପରିଷଦ ସଭାପତି ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଦାବି କରିଛନ୍ତି। ବ୍ୟବସାୟୀମାନେ ବାଉଁଶ ବାନ୍ଧିବା ସହ ସରକାରୀ ନିୟମ ପାଳନ କରିବାକୁ ପ୍ରସ୍ତୁତ ଅଛନ୍ତି। ତେଣୁ ପୋଲିସ ଓ ତହସିଲ ପ୍ରଶାସନ ସେମାନଙ୍କୁ ସହଯୋଗ କରିବା ଦରକାର। ନଚେତ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ପରିବା ନଷ୍ଟ ହେବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଥାନାଧିକାରୀ ବାମଦେବ ସ୍ୱାଇଁ କହିଛନ୍ତି, ଭିଡ଼ ସହ ସାମାଜିକ ଦୂରତା ନ ରହିବାରୁ ହାଟ ବନ୍ଦ କରାଗଲା।

# ୪ ଜିଲାରୁ ଗଲା ୧୦୭୮.୮୪ ଟନ୍ ଅକ୍ସିଜେନ୍

**କଟକ ଅଫିସ,୧୪।୫**

କରୋନା ସଂକ୍ରମଣ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍ ଅଭାବ ଦେଖାଦେଇଛି । ଏଭଳି ପରିସ୍ଥିତିରେ ସାରା ଦେଶକୁ ମେଡିକାଲ ଅକ୍ସିଜେନ୍ ଯୋଗାଇଛି ଓଡ଼ିଶା। ୨୨ ଦିନ ମଧ୍ୟରେ ଅନୁଗୋଳ, ରାଉରକେଲା, ଢେଙ୍କାନାଳ ଏବଂ ଯାଜପୁର ଜିଲାରୁ ୬୯୧ ଟ୍ୟାଙ୍କରରେ ୧୨୭୩୫.୨୯୪ ଟନ୍‌ରୁ ଅଧିକ ଅକ୍ସିଜେନ୍ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ସେଥିମଧ୍ୟରୁ ଶୁକ୍ରବାର ୫୮ ଟ୍ୟାଙ୍କର ଯୋଗେ ବିଭିନ୍ନ ରାଜ୍ୟକୁ ୧୦୭୮.୮୪ ଟନ୍ ଅକ୍ସିଜେନ୍ ପଠାଯାଇଥିବା ଜଣାପଡିଛି। ଆନ୍ଧ୍ରପ୍ରଦେଶକୁ ୧୦୭ ଟ୍ୟାଙ୍କରରେ ୪୧୧୩.୫୨୯ ଟନ୍, ତେଲଙ୍ଗାନାକୁ ୧୭୭ ଟ୍ୟାଙ୍କରରେ ୨୯୯୧.୮୨୯ ଟନ୍, ତାମିଲନାଡୁକୁ ୧୫ ଟ୍ୟାଙ୍କରରେ ୨୯୫.୦୮ ଟନ୍, ହରିୟାଣାକୁ ୧୦୨ ଟ୍ୟାଙ୍କରରେ ୧୯୨୫.୯୬୨ ଟନ୍, ମହାରାଷ୍ଟ୍ରକୁ ୩୪ ଟ୍ୟାଙ୍କରରେ ୫୬୬.୬୭୧ ଟନ୍, ଛତିଶଗଡ଼କୁ ୨୪ ଟ୍ୟାଙ୍କରରେ ୩୬୮.୬୮୨ ଟନ୍, ଉତ୍ତରପ୍ରଦେଶକୁ ୪୫ ଟ୍ୟାଙ୍କରରେ ୮୬୯.୧୩୧ ଟନ୍, ମଧ୍ୟପ୍ରଦେଶକୁ ୫୨ ଟ୍ୟାଙ୍କରରେ ୯୧୨.୦୯ ଟନ୍, ଦିଲ୍ଲୀକୁ ୨୧ ଟ୍ୟାଙ୍କରରେ ୩୯୨.୭୬ ଟନ୍, ପଞ୍ଜାବକୁ ୪ ଟ୍ୟାଙ୍କରରେ ୧୦୭.୮୯ ଟନ୍, କର୍ଣାଟକକୁ ୬ ଟ୍ୟାଙ୍କରରେ ୧୨୦.୯୬ ଟନ୍, ବିହାରକୁ ଦୁଇଟି ଟ୍ୟାଙ୍କରରେ ୩୧.୨୯ ଟନ୍ ଓ ରାଜସ୍ଥାନକୁ ଦୁଇଟି ଟ୍ୟାଙ୍କରରେ ୩୯.୪୨ ଟନ୍ ଅକ୍ସିଜେନ୍ ପଠାଯାଇଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# କୋଭିଡ୍ ହସ୍ପିଟାଲ ପରିଦର୍ଶନ କଲେ ଅଗ୍ନିଶମ ଡିଜି

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ଅଗ୍ନିଶମ ଡିଜି ଏମ୍ ଅକ୍ଷୟ ଶୁକ୍ରବାର କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀରେ ଥିବା ସମସ୍ତ କୋଭିଡ଼ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ବିଭାଗର ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ହସ୍ପିଟାଲକୁ ଯାଇ ନିୟୋଜିତ ଅଗ୍ନିଶମ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ହସ୍ପିଟାଲରେ କୌଣସି ଦୁର୍ଘଟଣା ଘଟିଲେ କିଭଳି ଦ୍ରୁତ ପଦକ୍ଷେପ ନେଇପାରିବେ ସେ ନେଇ ଅଗ୍ନିଶମ କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିସହିତ ନିୟୋଜିତ କର୍ମଚାରୀମାନେ ହସ୍ପିଟାଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ନିୟମିତ ମକ୍‌ଡ୍ରିଲ୍ କରାଉଛନ୍ତି କି ନାହିଁ ସେନେଇ ତଦାରଖ କରିଥିଲେ। ଅନ୍ୟପକ୍ଷେ ଅଗ୍ନିଶମ ମହାନିରୀକ୍ଷକ ଅସିତ ପାଣିଗ୍ରାହୀ କଟକରେ ଥିବା କେତେକ କୋଭିଡ଼ ହସ୍ପିଟାଲ ପରିଦର୍ଶନ କରି ସ୍ଥିତି ପରଖିଥିଲେ।

ସୂଚନା ଯୋଗ୍ୟ, ରାଜ୍ୟରେ ଏବେ ୬୨ କୋଭିଡ଼ ହସ୍ପିଟାଲ୍ କାର୍ଯ୍ୟ କରୁଛି। ପୂର୍ବରୁ କେତେକ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିବା ନଜିର ରହିଛି। ତେବେ କୋଭିଡ଼ ହସ୍ପିଟାଲ୍‌ରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ମୋଟ ୩୮୪ଜଣ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ସେମାନଙ୍କୁ ପ୍ରାଥମିକ ଅଗ୍ନି ନିର୍ବାପକ ଯନ୍ତ୍ର, ଆବଶ୍ୟକ ଉଦ୍ଧାର ଯନ୍ତ୍ରାଂଶ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

# ଶ୍ରମିକ ବଦଳରେ ମେଶିନରେ ହେଉଛି କାମ

**କଟକ ସଦର,୧୪।୫(ଡି.ଏନ.ଏ.)**

ଲକ୍‌ଡାଉନ୍ ସମୟରେ କଟକ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ପୋଖରୀ ଖୋଳା ଚାଲିଛି। ଶ୍ରମିକଙ୍କ ବଦଳରେ ମେଶିନ ପୋଖରୀ ଖୋଳୁଛି ବୋଲି ଭାଜପା କଟକ ଜିଲା ଉପସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ ବୁଧବାର କଟକ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଉକ୍ତ ପତ୍ରରେ ବହୁ ଅନିୟମିତତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ପୋଖରୀ ଖୋଳା ପାଇଁ ପଞ୍ଚାୟତସ୍ତରରେ ହିତାଧିକାରୀ ମନୋନୟନ କରାଯାଇଥାଏ। ହେଲେ ହିତାଧିକାରୀଙ୍କ ନାମ ସାଧାରଣରେ ପ୍ରକାଶ କରାଯାଉନାହିଁ। ମେଶିନରେ ମାଟି ଖୋଳିବାର ୧ ମାସ ପରେ ବିଲ୍ ସଂକ୍ରାନ୍ତ କାଗଜପତ୍ର ଅନ୍‌ଲାଇନ୍‌ରେ ଅପ୍‌ଲୋଡ କରାଯାଉଛି। ସେଥିପାଇଁ ସାଧାରଣ ଲୋକମାନେ କାମଟି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହେଉଛି ବୋଲି ଜାଣିପାରୁନାହାନ୍ତି। ଏବେସୁଦ୍ଧା ୧୪ ହଜାର ଜବ୍‌କାର୍ଡଧାରୀ କାମ ପାଇଁ ଅପେକ୍ଷା କରିଛନ୍ତି। ମାତ୍ର ସେମାନଙ୍କୁ କାମ ଦିଆ ନ ଯାଇ ହିତାଧିକାରୀଙ୍କ ଆତ୍ମୀୟଙ୍କ ନାମରେ ତତ୍‌କ୍ଷଣାତ ଜବ୍‌କାର୍ଡ ଜେନେରେଟ୍ କରାଯାଇ ସେମାନଙ୍କ ଆକାଉଣ୍ଟକୁ ମଜୁରି ଅର୍ଥ ପ୍ରଦାନ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ରାଜୀବଲୋଚନ ପରିଡା କୁହନ୍ତି, କିଏ ଏଭଳି କାମ କରୁଛି ତାହାର ଫଟୋ ସହ ନାମ ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଉପକାରାଗାର

**ବଡ଼ମ୍ବା,୧୪।୫(ଡି.ଏନ୍.ଏ.)**

- ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ
- ଫେରିବେ ବିଚାରାଧୀନ କଏଦୀ

ବଡ଼ମ୍ବା ଉପକାରାଗାର କାର୍ଯ୍ୟକ୍ଷମ ହେବା ନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରମେଶ ଭୋଇ ସବ୍ ଆସିଷ୍ଟାଣ୍ଟ ଜେଲର ଭାବେ ଇତିମଧ୍ୟରେ କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କୁ ଜେଲ୍ ଦାୟିତ୍ୱ ଦିଆଯାଇଛି। ସହଯୋଗ କରିବା ପାଇଁ ୩ ଜଣ ହୋମଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ବଡ଼ମ୍ବା ଥାନାର ୩ ଜଣ ହୋମଗାର୍ଡଙ୍କୁ ଉପକାରାଗାରରେ ଡ୍ୟୁଟି କରିବାକୁ କୁହାଯାଇଛି ବୋଲି ଭୋଇ କହିଛନ୍ତି। ଅନ୍ୟ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ସମ୍ପୃକ୍ତ ଅଞ୍ଚଳର କଏଦୀମାନଙ୍କୁ ଖୁବ୍‌ଶୀଘ୍ର ଉପକାରାଗାରକୁ ଫେରାଇ ଅଣାଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ବର୍ଷେ ହେବ ବଡ଼ମ୍ବା ଉପକାରାଗାରରେ ବନ୍ଦୀମାନଙ୍କୁ ରଖାଯାଉ ନ ଥିଲା। ୨୦୨୦ରେ କୋଭିଡ୍ କଟକଣା ଲାଗିବା ପରଠୁ ଏହି ଜେଲ୍ ଏକ ପ୍ରକାର ଅଚଳ ହୋଇଯାଇଥିଲା। ସମସ୍ତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଥିଲା। ଏନେଇ ବଡ଼ମ୍ବାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଜେଲ୍‌କୁ ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ଦାବି କରି ବଡ଼ମ୍ବା ଓକିଲ ସଂଘ ଆନ୍ଦୋଳନ କରିଥିଲା। ପରବର୍ତ୍ତୀ ସମୟରେ ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ଆନ୍ଦୋଳନକୁ ଜୋରଦାର କରାଯାଇଥିଲା। ବିଧାୟକ ଦେବୀପ୍ରସାଦ ମିଶ୍ର ଏଥିରେ ହସ୍ତକ୍ଷେପ କରି ରାଜ୍ୟ ଗୃହ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଓ କାରାଗାର ମହାନିର୍ଦ୍ଦେଶକ ସନ୍ତୋଷ ଉପାଧ୍ୟାୟଙ୍କ ସହ କମିଟିର ଆଲୋଚନା କରାଇଥିଲେ । ଏହି ଉପକାରାଗାର ଚାଲୁ କରାଯିବା ସହ ମାନିବନ୍ଧ ଫାଣ୍ଡିକୁ ଥାନା କରାଯିବା ନେଇ ମନ୍ତ୍ରୀ ମିଶ୍ର ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ।

# ଫ୍ଲାଏ ଓଭରବ୍ରିଜରୁ ଓଲଟିଲା ଟ୍ରକ

**କଟକ ଅଫିସ, ୧୪।୫**

**ଅଳ୍ପକେ ବର୍ତ୍ତିଲେ ଥାନା ଅଧିକାରୀ**

ମଧୁପାଟଣା ଫ୍ଲାଏ ଓଭରବ୍ରିଜରୁ ଏକ ପଥର ବୋଝେଇ ଟ୍ରକ ଶୁକ୍ରବାର ଓଲଟି ପଡିଥିଲା। ଟ୍ରକରେ ଥିବା ପଥରଗୁଡିକ ରାସ୍ତା ଉପରେ ପଡିଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ସକାଳେ ଟ୍ରକଟି ପଥର ବୋଝେଇ କରି ଚଣ୍ଡୀଖୋଲ ଅଭିମୁଖେ ଯାଉଥିଲା। ମଧୁପାଟଣା ଓଭରବ୍ରିଜ ଅତିକ୍ରମ କରୁଥିବାବେଳେ ହଠାତ୍ ଟ୍ରକର ବ୍ରେକ ଧରି ନ ଥିଲା। ଫଳରେ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଟ୍ରକ ଡାଲାରେ ଥିବା ପଥରଗୁଡିକ ରାସ୍ତା ଓ ବାମ ପଟୁ ଆସୁଥିବା ଏକ କାର ଉପରେ ପଡିଥିଲା। ଉକ୍ତ କାରର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଥିଲାବେଳେ ଚାଳକ ତଥା ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନ ଅଳ୍ପକେ ବର୍ତ୍ତି ଯାଇଥିଲେ। ମଧୁପାଟଣା ଓ ଟ୍ରାଫିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ପରେ ପୋଲିସ ଉକ୍ତ ଟ୍ରକକୁ ଜବତ କରିଛି।



ଦୁର୍ଘଟଣାଗ୍ରସ୍ତ ଟ୍ରକ।

# ଲିଙ୍କ୍‌ରେ କ୍ଲିକ୍ ନ କରିବାକୁ ଡିସିପିଙ୍କ ପରାମର୍ଶ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

**ସାଇବର ଠକେଇର ଶିକାର ହେଲେ ଡାଏଲ୍ '୭୪୪୦୦୦୬୭୦୯'**

ନିଜର କେୱାଇସି ଅପ୍‌ଡେଟ୍ କରିବା କିମ୍ବା ମାଗଣା ମୋବାଇଲ୍ ଡାଟା ମିଳିବାର ପ୍ରତିଶ୍ରୁତି ଦେଉଥିବା ବିଭ୍ରାନ୍ତକାରୀ ମେସେଜଗୁଡିକ ପ୍ରତି ସାବଧାନ ରୁହନ୍ତୁ। ଏଭଳି ମେସେଜ୍‌ରେ ଦିଆଯାଇଥିବା କୌଣସି ନମ୍ବର୍‌ରେ କଲ୍ କରନ୍ତୁ ନାହିଁ କିମ୍ବା କୌଣସି ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ। ଅଜଣା କିମ୍ବା ସନ୍ଦେହଜନକ ନମ୍ବର୍‌ରୁ ଆସୁଥିବା କଲ୍‌ରେ ନିଜର ବ୍ୟକ୍ତିଗତ ବିବରଣୀ ଦିଅନ୍ତୁ ନାହିଁ। ଯଦି ଆପଣ ଏପରି ଠକାମିର ଶିକାର ହୋଇଛନ୍ତି, ତୁରନ୍ତ ହେଲ୍ପ ଡେସ୍କ ନଂ.୭୪୪୦୦୦୬୭୦୯ ସହିତ ଯୋଗାଯୋଗ କରନ୍ତୁ ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଟୁଇଟ୍ ମାଧ୍ୟମରେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଏବେ ସାଇବର ଠକେଇ ର୍‍ୟାକେଟ ସକ୍ରିୟ ରହିଛି। ବିଭିନ୍ନ ଉପାୟରେ ଲୋକଙ୍କଠାରୁ କୋଟିକୋଟି ଟଙ୍କା ଲୁଟି ନେଉଛନ୍ତି। ଏହାକୁ ନେ ଗତ ୧୧ ତାରିଖରେ 'ଧରିତ୍ରୀ'ରେ 'ଲିଙ୍କ୍‌ରେ କ୍ଲିକ୍ କଲେ ଆକାଉଣ୍ଟ ହ୍ୟାକ, କରୋନା କାଳରେ ମାତିଛନ୍ତି ସାଇବର ହ୍ୟାକର' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ, ସାଇବର ଅପରାଧୀମାନେ ନୂଆ ଉପାୟରେ ଲୋକଙ୍କୁ ଠକିଚାଲିଛନ୍ତି। ପୋଲିସ ଯେତେ ଚେଷ୍ଟା କଲେ ବି ସେମାନଙ୍କଠାରୁ ଦୁଇପାଦ ପଛରେ ପଡ଼ିଯାଉଛି। ରାଜ୍ୟରେ କରୋନା ପାଇଁ ଲକ୍‌ଡାଉନ, ଶଟ୍‌ଡାଉନ୍ ଜାରି ରହିଥିବାବେଳେ ଲୋକେ ଘରେ ରହି ଅଧିକାଂଶ ସମୟ ଇଣ୍ଟରନେଟ୍‌ରେ ବିତାଉଛନ୍ତି। ଏହାର ସୁଯୋଗ ନେଇ ସାଇବର ହ୍ୟାକର ଲୋକଙ୍କୁ ତାଙ୍କ ଜାଲରେ ଫସାଇ ଠକୁଛନ୍ତି। ପୂର୍ବରୁ ସାଇବର ଠକ ବିଭିନ୍ନ ଆଳରେ କଲ୍ କରି ଲୋକଙ୍କ ବ୍ୟାଙ୍କ ତଥ୍ୟ ନେଇ ଠକୁଥିବା ବେଳେ ଏବେ ସୋସିଆଲ୍ ମିଡିଆରେ ଲିଙ୍କ୍ ପଠାଇ ଜନସାଧାରଣଙ୍କୁ ଫସାଉଛନ୍ତି। ବିଶେଷକରି ଯୁବଗୋଷ୍ଠୀ ଏହାଦ୍ୱାରା ଅଧିକ ଶିକାର ହେଉଛନ୍ତି। ଏପରିକି ଓଡ଼ିଶାର ଜଣାଶୁଣା ଆଇଏଏସ୍, ଆଇପିଏସ୍ ଅଫିସର, ଡାକ୍ତର ଓ ଖବରଦାତା ମଧ୍ୟ ବିଭିନ୍ନ ସମୟରେ ଏଭଳି ଠକଙ୍କ ଶିକାର ହେଉଥିବାରୁ ଏଭଳି ଠକେଇ ରୋକିବାରେ ଡିସିପିଙ୍କ ଟୁଇଟ୍ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।

# ମୃତଦେହ ସତ୍କାର ପାଇଁ ଆସିଲେନି ଆତ୍ମୀୟସ୍ୱଜନ

**ନିଆଳି,୧୪।୫(ଡି.ଏନ.ଏ.)**

**କରୋନା ପଜିଟିଭ୍ ସନ୍ଦେହ**

- ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗରେ ହେଲା ମୃତଦେହ ସତ୍କାର

କରୋନା ପଜିଟିଭ ସନ୍ଦେହରେ ମୃତଦେହ ପୋଡ଼ିବାକୁ ଆସିଲେନି ଗାଁଲୋକେ ଆତ୍ମୀୟସ୍ୱଜନ। ପରିବାର, ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗରେ ନିଜ ଜାଗାରେ ହେଲା ମୃତଦେହ ସତ୍କାର। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ନିଆଳି ବ୍ଲକ ଅଧୀନ କୃଷ୍ଣପ୍ରସାଦ ପଞ୍ଚାୟତ ସାରଣାପାରିବସ୍ତ ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ନରେନ୍ଦ୍ର ପ୍ରଧାନ(୫୫) ୨ ସପ୍ତାହ ଧରି ଜ୍ୱରରେ ଆକ୍ରାନ୍ତ ଥିଲେ। ଗୁରୁବାର ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ୧୦୮ ଆମ୍ବୁଲାନ୍ସରେ ଚାରିଛକ ମେଡିକାଲକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବାବେଳେ ଜଲାରପୁର ଛକଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ପରିବାର ଲୋକେ ମୃତଦେହ ଘରକୁ ନେଇଯାଇଥିଲେ। କରୋନାରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରି ମୃତଦେହ ସତ୍କାର ପାଇଁ କେହି ଆସି ନ ଥିଲେ। ଏପରିକି ଭାଇ ଓ ବନ୍ଧୁ ମଧ୍ୟ କେହି ଆସିନଥିଲେ। ଫଳରେ ରାତିତମାମ ଘରେ ମୃତଦେହ ପଡିରହିଥିଲା। ଖବରପାଇ ନିଆଳି ତହସିଲଦାର ବିଦ୍ୟାଧର ପତି, ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ନାୟକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସତ୍କାର ପାଇଁ ସହଯୋଗର ହାତ ବଢାଇଥିଲେ। ପିପିଇ କିଟ୍ ପିନ୍ଧି ନରେନ୍ଦ୍ରଙ୍କ ପୁଅ, ୩ ପୁତୁରା ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗରେ ତାଙ୍କ ନିଜ ଜାଗାରେ ମୃତଦେହ ସତ୍କାର କରାଯାଇଥିଲା। ଗ୍ରାମବାସୀଙ୍କ ଏଭଳି ମନୋଭାବ ଦେଖି ମାନବିକତା ହଜିଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ପରିବାରର ଅନ୍ୟ ସଦସ୍ୟମାନେ ଜ୍ୱରରେ ପୀଡିତ ଥିବାରୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ତହସିଲଦାର ପତି କହିଛନ୍ତି।



ନରେନ୍ଦ୍ରଙ୍କ ମୃତଦେହ ସତ୍କାର କରାଯାଉଛି।

## ସଂକ୍ଷେପରେ

### ବନ୍ଧୁକ ଜବତ, ୨ ଗିରଫ



ଜଟଣୀ,୧୪।୫(ଡି.ଏନ୍.ଏ.): ଗୁଳି ଚାଳନା ସହ ମରଣାନ୍ତକ ଆକ୍ରମଣ, ବଟି ଆଦାୟ ଓ ଅପହରଣ ମାମଲାରେ ଜଟଣୀ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏସ୍.କେ. ଇମ୍ରାନ ଓରଫ ସଦାମ ଏବଂ ଅଜିତ୍ ନାୟକ। ଏମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ଓ ୫ଗୁଳି ଜବତ କରାଯାଇଛି। ସୂଚନା ମୁତାବକ, ମାର୍ଚ୍ଚ ୩୦ରେ ଜଟଣୀ ପୌରାଞ୍ଚଳ ଅଧୀନ ରେଡଙ୍ଗ କଲୋନୀର କମେଶ ଏବଂ ଓଁକାରଙ୍କ ଉପରକୁ ଗୁଳିମାଡ଼ ଘଟଣାରେ ପୋଲିସ ଏକ ମାମଲା (ନଂ.୧୬୭/୨୧) ରୁଜୁକରି ଇମ୍ରାନଙ୍କୁ ଗିରଫ କରିଥିଲା। ଉକ୍ତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଅଜିତ୍‌ଙ୍କୁ ମଧ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ଓ ୫ଟି ଗୁଳି ଜବତ ହୋଇଛି। ପ୍ଲଟିଂ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଅପହରଣ ଘଟଣାରେ ପୂର୍ବରୁ ଅଭିଯୁକ୍ତଦ୍ୱୟ ଗିରଫ ହୋଇଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଖୋର୍ଦ୍ଧା ଅଫିସ,୧୪।୫: ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ନବୋଦୟ ବିଦ୍ୟାଳୟ ସମ୍ମୁଖ ବନ ବିଭାଗର ସଂରକ୍ଷିତ ଜଙ୍ଗଲ ପରିସରରୁ ଶୁକ୍ରବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ହଳଦିଆ ଗ୍ରାମର ବସନ୍ତ ମଞ୍ଜରୀ ଭଞ୍ଜ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୁକ୍ରବାର ସକାଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ଗଛରେ ମହିଳାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଜଣାଇଥିଲେ।

### ମୌଲାନା ଶମସୁଲ ହକ ଖାଁଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୧୪।୫: ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମ୍ମଦୀୟା ମୁସଲିମ ସଙ୍ଗଠନର ମୌଲାନା ଶମସୁଲ ହକ ଖାଁଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ କେରଙ୍ଗ ଉ.ପ୍ରା. ବିଦ୍ୟାଳୟରୁ ଶିକ୍ଷାଲାଭ କରିଥିଲେ। ସେ ପଞ୍ଜାବର କାଦିଆନ ପବିତ୍ରଧାମରେ ଆରବୀ, ଉର୍ଦ୍ଦୁ ଏବଂ ଫାରସୀ କଲେଜରେ ପାଠ ପଢି ମୌଲାନା ସ୍ନାତକ ହାସଲ କରିଥିଲେ। ପରେ ଧର୍ମସେବାରେ ମନନିବେଶ। ସେ ଝାଡଖଣ୍ଡ ସମେତ ଓଡ଼ିଶାର ଢେଙ୍କାନାଳ, କେନ୍ଦ୍ରାପଡ଼ା, କଟକ, ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଧର୍ମକାର୍ଯ୍ୟରେ ନିୟୋଜିତ ରହିଥିଲେ। ଶେଷରେ କେରଙ୍ଗରେ ଦୀର୍ଘଦିନ ଧରି ରହିଥିଲେ। ସେ ଜଣେ ଧର୍ମପ୍ରଚାରକ, ବିଦ୍ୱାନ, ପରୋପକାରୀ ବ୍ୟକ୍ତି ଥିଲେ। ସର୍ବଧର୍ମ ସମନ୍ୱୟତାର ବାର୍ତ୍ତା ସମାଜକୁ ଦେଇ ଆସୁଥିଲେ। ସେ ବେଦ, ପୁରାଣ, ବାଇବେଲ, କୋରାନ ତଥା ସକଳ ଧର୍ମରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ତାଙ୍କ ମରଶରୀରକୁ କେରଙ୍ଗସ୍ଥିତ କବରସ୍ଥାନରେ ସମାଧି ଦିଆଯାଇଛି। ସମସ୍ତ ପରିଜନବର୍ଗ, ଅହମଦୀୟା ମୁସଲିମ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

### ଏସ୍‌ଏମ୍‌ଏସ୍ କଲେ ଘରେ ପହଞ୍ଚିବ ମଦ

#### ଜିଲାପାଳଙ୍କ ଗାଇଡ୍‌ଲାଇନ ଜାରି

ଖୋର୍ଦ୍ଧା ଅଫିସ,୧୪।୫: କୋଭିଡ୍ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ତେବେ ଲକ୍‌ଡାଉନ ସମୟରେ ମଦର ହୋମ ଡେଲିଭରି ଲାଗି ସରକାର ଜିଲାପାଳଙ୍କୁ କ୍ଷମତା ଦେଇଛନ୍ତି। ଏନେଇ ଶୁକ୍ରବାର ଜିଲାପାଳ ସନତ ମହାନ୍ତି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ହୋମ ଡେଲିଭରି ମାଧ୍ୟମରେ ବିଦେଶୀ ମଦ, ବିଏର ବିକ୍ରି କରାଯିବ। ଏଥିଲାଗି ସମସ୍ତ ଲାଇସେନ୍ସ ପ୍ରାପ୍ତ ମଦ ବେପାରୀ ନିଜ ନାମ, ମୋବାଇଲ ନମ୍ବର, ହ୍ୱାଟସଆପ, ଇମେଲ ଜାରି କରିବେ। ଗ୍ରାହକଙ୍କଠାରୁ ଏସଏମଏସ, ହ୍ୱାଟସଆପ ମାଧ୍ୟମରେ ଅର୍ଡର ରଖିବେ। ହୋମ ଡେଲିଭରି ମାଧ୍ୟମରେ ଘରେ ପହଞ୍ଚାଇବା ବ୍ୟବସ୍ଥା କରିବେ। ଧାର୍ଯ୍ୟ ଡେଲିଭରି ଚାର୍ଜଠାରୁ ଅଧିକ ନେଇପାରିବେ ନାହିଁ। ପ୍ରତ୍ୟେକ ବେପାରୀ ଡେଲିବରି ବୟଙ୍କୁ ପରିଚୟପତ୍ର ପ୍ରଦାନ କରିବେ। ଡେଲିବରି ବୟଙ୍କ କୋଭିଡ୍ ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ। ଶନି ଓ ରବି ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ହୋମ ଡେଲିଭରି ବନ୍ଦ ରହିବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। କାଭିଡ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଲକ୍ଷଣ ଥାଇ ଲୁଚାଉଛନ୍ତି

- ବାହାରେ ବୁଲୁଛନ୍ତି ସଂକ୍ରମିତ ବ୍ୟକ୍ତି
- ପଡୁନି ଲକ୍‌ଡାଉନ୍‌ର ପ୍ରଭାବ

ଖୋର୍ଦ୍ଧା ଅଫିସ,୧୪।୫

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଗ୍ରାଫ ଉପରମୁହାଁ ରହିଛି। ଦୈନିକ ସଂକ୍ରମଣ ୩ଶହ ଟପିଲାଣି। ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଜିଲାକୁ ଫେରିଛନ୍ତି। ପ୍ରବାସୀଙ୍କ ପାଇଁ ୧୪ ଦିନିଆ ସଙ୍ଗରୋଧ ବାଧ୍ୟତାମୂଳକ ରହିଛି। କେତେଜଣ ପ୍ରବାସୀ ସଙ୍ଗରୋଧରେ ରହିବା ପରିବର୍ତ୍ତେ ଗାଁ, ବଜାରରେ ବୁଲୁଛନ୍ତି। ଏମାନଙ୍କ ସଂସ୍ପର୍ଶରେ ଆସିଥିବା ଅନେକ ବ୍ୟକ୍ତି ସଂକ୍ରମିତ ହୋଇଥିବା ମଧ ଆଶଙ୍କା ରହିଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ସଂକ୍ରମଣ ବଢ଼ି ଚାଲିଛି। ଅନ୍ୟପଟେ ସଂକ୍ରମଣ ତୁଳନାରେ କୋଭିଡ୍ ପରୀକ୍ଷାକୁ ଗୁରୁତ୍ୱ ଦିଆଯାଉନାହିଁ। ବ୍ଲକସ୍ତରରେ ଦିନକୁ ୧୦୦ଜଣଙ୍କ ପରୀକ୍ଷା କରାଯାଉଛି। ପରୀକ୍ଷା କେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁ ଅଧିକାଂଶ ଲକ୍ଷଣ ଥିଲେ ମଧ ପରୀକ୍ଷା କରିବାକୁ ପଛଘୁଞ୍ଚା ଦେଉଛନ୍ତି। ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ, ଲକ୍‌ଡାଉନ ଯୋଗୁ ସଂକ୍ରମଣ ନିୟନ୍ତ୍ରଣରେ ରହିଛି। ଗ୍ରାମାଞ୍ଚଳ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହାର ପ୍ରଭାବ ପଡୁନାହିଁ। ଗାଁରେ ତାସଖେଳ, ଚାହା, ପାନ ଦୋକାନରେ ଲୋକଙ୍କ ଭିଡ଼ ଜମୁଛି। ଅଧିକାଂଶ ମାସ୍କ ପିନ୍ଧି ନ ଥିବା ବେଳେ ସାମାଜିକ ଦୂରତ୍ୱ ମଧ ରହୁନାହିଁ। ବିଶେଷକରି ଚିଲିକା, ବାଣପୁର, ଟାଙ୍ଗୀ ଅଞ୍ଚଳକୁ ଶତାଧିକ ପ୍ରବାସୀ ଫେରିଛନ୍ତି। ସଙ୍ଗରୋଧରେ ରହିବା ପରିବର୍ତ୍ତେ ବାହାରେ ବୁଲୁଥିବା ସାଧାରଣରେ ଅଭିଯୋଗ ହେଉଛି। ବାଣପୁର ବ୍ଲକର ପୁଞ୍ଜିଆମା ଶାସନ, ଚମ୍ପାଦେଇପୁର, କୁମାରଙ୍ଗ, ରାଣିପଡା ଆଦି ଗ୍ରାମରେ ଏକାଧିକ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ବ୍ୟକ୍ତିଙ୍କୁ ଘରେ ରହି ଚିକିତ୍ସିତ ହେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ଏହି ଗ୍ରାମଗୁଡ଼ିକରେ ନିୟମ ଉଲ୍ଲଂଘନ କରାଯାଉଛି। ଏନେଇ ଅଭିଯୋଗ ପରେ ଶୁକ୍ରବାର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର, ବିଡିଓ, ବାଲୁଗାଁ ଏସ୍‌ଡିପିଓ ପ୍ରମୁଖ କେତେକ ଗ୍ରାମ ପରିଦର୍ଶନ କରି ଲୋକଙ୍କୁ କୋଭିଡ୍ ନିୟମ ପାଳନ ଏବଂ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ଘରୁ ନ ବାହାରିବାକୁ ତାଗିଦ୍ କରିଛନ୍ତି। ଅନ୍ୟପକ୍ଷେ ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି, କୋଭିଡ୍ ନିୟନ୍ତ୍ରଣ ନେଇ ସମସ୍ତ ସରପଞ୍ଚ, ବ୍ଲକ ଅଧ୍ୟକ୍ଷ, ବିଡିଓ, ତହସିଲଦାରଙ୍କ ସହ ଭର୍ଚୁଆଲରେ ଆଲୋଚନା କରାଯାଇଛି। ପ୍ରତି ବ୍ଲକରେ କ୍ଲଷ୍ଟର ଟିଏମ୍‌ସି ରହିଛି। ବାଲୁଗାଁ ଷ୍ଟେଶନରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରବାସୀଙ୍କ ପଞ୍ଜୀକରଣ କରାଯାଉଛି। ଆର୍‌ଆର୍‌ଟି ଟିମ୍ ଏବଂ ମୋବାଇଲ ଭ୍ରାମ୍ୟମାଣ ଟିମ୍ ଗ୍ରାମାଞ୍ଚଳରେ ବୁଲି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି। କୋଭିଡ୍ ପରୀକ୍ଷା ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

### ଘରେ ଘରେ ବ୍ୟାପିଲାଣି ଜ୍ୱର

ବାଣପୁର ବ୍ଲକ ଓ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ଘରେ ଘରେ ଜ୍ୱର ବ୍ୟାପିଲାଣି। ଜ୍ୱରରେ ପୀଡ଼ିତ ଥିବା ସତ୍ତ୍ୱେ ପଜିଟିଭ୍ ଆଶଙ୍କାରେ ପରୀକ୍ଷା କରୁନାହାନ୍ତି। ଘରେ ରହି ଔଷଧ ସେବନ କରି ଚିକିତ୍ସିତ ହେଉଛନ୍ତି। କୋଭିଡ୍ ପରୀକ୍ଷା କେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁ ଅଧିକାଂଶ ପରୀକ୍ଷା କରିବାକୁ ଆସୁନାହାନ୍ତି। ପରୀକ୍ଷା ପରେ ସେମାନେ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଫଳରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସର୍ବେକ୍ଷଣ, ଭ୍ରାମ୍ୟମାଣ କୋଭିଡ୍ ପରୀକ୍ଷା କରାଯିବା ନେଇ ସାଧାରଣରେ ଦାବି ହୋଇଛି।



ଶୁକ୍ରବାର ଲକ୍‌ଡାଉନ୍ ପାଇଁ ଖୋର୍ଦ୍ଧା ନ୍ୟୁ ବସ୍‌ଷ୍ଟାଣ୍ଡ ଛକରେ ପୋଲିସ ପକ୍ଷରୁ ଚେକିଂ କରାଯାଉଛି।

## ୨୩ ହଜାର ଟଙ୍କା ଜରିମାନା ସହ ୧୦ ଗାଡ଼ି ଜବତ

ବାଣପୁର,୧୪।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁରରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସଂକ୍ରମଣକୁ ପ୍ରତିହତ କରିବା ପାଇଁ ପ୍ରଶାସନ ପକ୍ଷରୁ ଅମାନିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶୁକ୍ରବାର ତହସିଲ, ପୋଲିସ ଏବଂ ପୌର ପ୍ରଶାସନ ପକ୍ଷରୁ ମିଳିତଭାବେ ଯାଞ୍ଚ କରାଯାଇ ଅମାନିଆଙ୍କଠାରୁ ୨୩ହଜାର ଟଙ୍କା ଜରିମାନା ଆଦାୟ ସହ ୧୦ଟି ଗାଡ଼ି ଜବତ କରାଯାଇଛି। ତହସିଲଦାର ମନ୍ମଥ ବେହେରାଙ୍କ ନେତୃତ୍ୱରେ ପଲଟଣ ପଡିଆ ନିକଟରେ ଅତିରିକ୍ତ ତହସିଲଦାର ପ୍ରମୋଦ ପାଢୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଥାନାଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଯାଞ୍ଚ ବେଳେ ଉପସ୍ଥିତ ଥିଲେ। ଅନ୍ୟପଟେ ଗ୍ରାମକୁ ଫେରିଥିବା ପ୍ରବାସୀଙ୍କ ସମ୍ପର୍କରେ ପ୍ରଶାସନ ନିକଟରେ କୌଣସି ସୂଚନା ନ ଥିବା ବେଳେ ସେମାନେ ସଙ୍ଗରୋଧରେ ନ ରହି ବାହାରେ ବୁଲୁଛନ୍ତି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯିବା ସହ ସ୍ଥାନୀୟ ଅଞ୍ଚଳକୁ ନିୟମିତ ବିଶୋଧନ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।

## ରୋଷେଇବେଳେ ଗ୍ୟାସ୍ ଲିକ୍, ୮ ପୋଡ଼ିଗଲେ

ଭୁବନେଶ୍ୱର,୧୪।୫(ବ୍ୟୁରୋ)





ଦୁର୍ଘଟଣାସ୍ଥଳରେ ଜଳି ଯାଇଥିବା ସାମଗ୍ରୀ ଏବଂ ଆହତ ବ୍ୟକ୍ତି।

ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ା ଅଞ୍ଚଳରେ ରୋଷେଇ ଚାଲିଥିବାବେଳେ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯିବାରୁ ୪ ପରିବାରର ୮ଜଣ ପୋଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ପବିତ୍ର ସ୍ୱାଇଁ, ପ୍ଲାବନ କୁମାର ରାୟ, ଗୋବିନ୍ଦ ଜେନା, ମଞ୍ଜୁଲତା ଜେନା, ବାସନ୍ତୀ ଜେନା, କାନନ ବାଳା ଦାସ, ନଳିନୀ ବାରିକ ଓ ବିଷ୍ଣୁପ୍ରିୟା ମଙ୍ଗରାଜ। ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ଏମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ଲାବନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଏଥିସହ ୩ଜଣଙ୍କୁ ଏମ୍‌ସ ଆଇସିୟୁରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ସାଢେ ୧୧ଟାରେ ପ୍ଲାବନଙ୍କ ଘରେ ରୋଷେଇ ହେଉଥିଲା। ଏହି ସମୟରେ ଗ୍ୟାସ୍ ପାଇପ ହଠାତ୍ ଫାଟିଯିବା ସହ ଲିକ୍ ହୋଇ ଘରେ ନିଆଁ ଲାଗିଯାଇଥିଲା। ପରେ ଘର ସାରା ନିଆଁ ବ୍ୟାପିଯିବାରୁ ପ୍ଲାବନ ଜଳିଯାଇଥିଲେ। ଘର ପାଖକୁ ଲାଗ ଅନ୍ୟ ୩ ପରିବାରର ଝରକା ଖୋଲା ଥିବାରୁ ଜଳନ୍ତା ଗ୍ୟାସ୍ ବ୍ୟାପିଯାଇ ଲୋକଙ୍କ ଦେହରେ ଲାଗି ଯାଇଥିଲା। ଏପଟେ ବିସ୍ଫୋରଣ ଶବ୍ଦ ଓ ଚିତ୍କାର ଶୁଣି ଆଖପାଖ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ଲାବନଙ୍କ ଦେହରେ ନିଆଁ ଲାଗିଥିବା ଦେଖି ରଶ୍ମିରଞ୍ଜନ ପାଟଶାଣୀ ଏକ ଓଦା ଗାମୁଛା ତାଙ୍କ ଦେହରେ ଗୋଡ଼ାଇ ଦେଇଥିଲେ। ପରେ ଆହତଙ୍କୁ ନିଜ ଗାଡ଼ିରେ ମେଡିକାଲରେ ଭର୍ତ୍ତି କରିଥିଲେ।

## ୭ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

ଖୋର୍ଦ୍ଧା ଅଫିସ,୧୪।୫

ଖୋର୍ଦ୍ଧା ସବ୍‌ଡିଭିଜନ ଅନ୍ତର୍ଗତ ବୋଲଗଡ ବ୍ଲକର ୫ ଓ ବାଣପୁରର ୨ ଗ୍ରାମ ଏବଂ ବାଲୁଗାଁ ଏନ୍‌ଏସିର ଗୋଟିଏ ୱାର୍ଡକୁ ସପ୍ତାହେ ଲାଗି ପ୍ରଶାସନ ପକ୍ଷରୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତର ସାନପଦର ଓ କୃଷ୍ଣଶାସନପୁର, ବୋଲଗଡ ପଞ୍ଚାୟତର ବ୍ରହ୍ମାପୁର, ଦାବରଧୁଆପାଟଣାର କପସିଆ, ଖଜୁରିଆ ପଞ୍ଚାୟତର ଖଜୁରିଆ, ବାଣପୁର ବ୍ଲକ ମାନସିଂପୁର ଓ ଭୀମପୁର ଗ୍ରାମର ଗୋଡିପଦରସାହି ଏବଂ ବାଲୁଗାଁ ଏନ୍‌ଏସି ୱାର୍ଡ ନମ୍ବର ୧୧ ସଂକ୍ରମିତ ପରିବାର ରହୁଥିବା ଅଞ୍ଚଳକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ଶୁକ୍ରବାରଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଏହି ଅଞ୍ଚଳରେ ରହିଥିବା ପରିବାର ବାହାରକୁ ଯିବେ ନାହିଁ। କୌଣସି ବ୍ୟକ୍ତି ଏହି ଅଞ୍ଚଳରେ ପ୍ରବେଶ କରିବେ ନାହିଁ ବୋଲି ଉପଜିଲାପାଳ କହିଛନ୍ତି।

## ଦିନକରେ ୨୦୯ ଆକ୍ରାନ୍ତ, ୨୧୯ ସୁସ୍ଥ

ଖୋର୍ଦ୍ଧା ଅଫିସ,୧୪।୫

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ୨୦୯ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୧୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୩, ବାଲିପାଟଣା ୧୬, ଭୁବନେଶ୍ୱର ବ୍ଲକ ୨୧, ଜଟଣୀ ୧୯, ଖୋର୍ଦ୍ଧା ୩୭, ବେଗୁନିଆ ୧୦, ବୋଲଗଡ଼ ୧୭, ଟାଙ୍ଗୀ ୨୮, ଚିଲିକା ୧୭ ଏବଂ ବାଣପୁରର ୨୧ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୩,୨୫,୭୭୭ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୧୭,୨୪୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୫,୮୯୧ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨୯୮ ସକ୍ରିୟ ରହିଛନ୍ତି।

## ୩ ରାଜ୍ୟକୁ ଗଲା ୩୫୩ ଟନ୍ ଅକ୍ସିଜେନ



ଜଟଣୀ,୧୪।୫(ଡି.ଏନ୍.ଏ.)

ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ସଂକ୍ରମିତ ରୋଗୀଙ୍କୁ ପର୍ଯ୍ୟାପ୍ତ ଅକ୍ସିଜେନ ଯୋଗାଇବା ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅକ୍ସିଜେନ ଏକ୍ସପ୍ରେସ୍ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟକୁ ଅକ୍ସିଜେନ ପରିବହନ ନିରବଚ୍ଛିନ୍ନ ଭାବେ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରେଳ ମଣ୍ଡଳ ପକ୍ଷରୁ ୨୦ଟି ଟ୍ୟାଙ୍କରରେ ୩୫୩ ଟନ ଅକ୍ସିଜେନ ଦିଲ୍ଲୀ, ମହାରାଷ୍ଟ୍ର ଓ କର୍ଣାଟକକୁ ପଠାଯାଇଛି। ୧୨ଟି ଟ୍ୟାଙ୍କରରେ ମୋଟ ୨୩୯ ଟନ୍ ଅକ୍ସିଜେନ ଟାଟା ଷ୍ଟିଲ୍ ସାଇଡିଂ, କଳିଙ୍ଗ ନଗର, ଜଖପୁରା ଠାରୁ ଦିଲ୍ଲୀ ଏବଂ କର୍ଣାଟକର ବାଙ୍ଗାଲୋରକୁ ପରିବହନ କରାଯାଇଛି। ସେହିଭଳି ୮ଟି ଟ୍ୟାଙ୍କରେ ମୋଟ୍ ୧୧୪ ଟନ୍ ଅକ୍ସିଜେନ ଜିନ୍ଦଲ ଷ୍ଟିଲ, ଅନୁଗୋଳରୁ ମହାରାଷ୍ଟ୍ରର ବୁଟିବୋରୀକୁ ପରିବହନ କରାଯାଇଛି।

## ପ୍ରଶାସନ ଢିଲା, ହାଟରେ ରହୁନି ସାମାଜିକ ଦୂରତ୍ୱ



ଖୋର୍ଦ୍ଧା ଅଫିସ,୧୪।୫

କରୋନା ଚେନକୁ ବ୍ରେକ ଦେବା ଲାଗି ସପ୍ତାହାନ୍ତ ଶଟ୍‌ଡାଉନ ଏବଂ ଲକ୍‌ଡାଉନ ଜାରି ରହିଛି। ଲକଡାଉନ ଯୋଗୁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଖୋଲିବାକୁ ଅନୁମତି ରହିଛି। ଶୁକ୍ରବାର ହାବେଳି ପଡିଆ ସ୍ଥିତ ଅସ୍ଥାୟୀ ପରିବା ହାଟ ଏବଂ ପୁରୁଣା ବସଷ୍ଟାଣ୍ଡ, ଟ୍ରାଫିକ ଛକ, ସମବାୟ ଛକ ଏବଂ ନୂଆ ବସଷ୍ଟାଣ୍ଡ ରୋଡରେ ରହିଥିବା ଗ୍ରସେରି ଦୋକାନରେ ଗ୍ରାହକଙ୍କ ଭିଡ ରହିଥିଲା। ତେବେ ସାମଗ୍ରୀ କିଣିବାକୁ ଆସିଥିବା କେତେକ ଲୋକ ମାସ୍କ ପରିଧାନ କରି ନ ଥିବା ବେଳେ ସାମାଜିକ ଦୂରତ୍ୱ ରହି ନ ଥିଲା। ପ୍ରଶାସନର ବାରମ୍ବାର ଅନୁରୋଧ ସତ୍ତ୍ୱେ କେତେଜଣ ଅମାନିଆଙ୍କୁ କୌଣସି ପ୍ରଭାବ ପଡୁନାହିଁ। ହାବେଳି ପଡିଆରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପରିବା ବେପାରୀ ପସରା ମେଲାଇଛନ୍ତି। ତେବେ ପରିବା କିଣିବାକୁ ଆସୁଥିବା ଗ୍ରାହକଙ୍କ ମଧ୍ୟରେ କୋଭିଡ ନିୟମକୁ ଯେପରି କୌଣସି ସଚେତନ ନ ଥିବା ପରି ମନେ ହେଉଛି। ଏଭଳି ଜାରି ରହିଲେ, ଆଗକୁ କରୋନା ସଂକ୍ରମଣ ସୁପର ସ୍ପ୍ରେଡର ପାଲଟିବା ଆଶଙ୍କା ମଧ ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।

## କଟକଣା ସହ ଘରେ ପାଳିଲେ ଇଦ୍



ନିରାକାରପୁର ଖଜୁରିପଡାଠାରେ ନମାଜ ପାଠ କରାଯାଉଛି।

ଖୋର୍ଦ୍ଧା ଅଫିସ/ ନିରାକାରପୁର, ୧୪।୫(ଡି.ଏନ୍.ଏ.)

ଚଳିତବର୍ଷ କରୋନା ପାଇଁ ଫିକା ପଡ଼ିଛି ଇଦ୍-ଉଲ୍-ଫିତର। ପ୍ରଶାସନ ପକ୍ଷରୁ ମସଜିଦ୍ ଓ ଦରଘାରେ ସମୂହ ନମାଜ ପାଠ ଉପରେ କଟକଣା ଜାରି କରାଯାଇଛି। ଫଳରେ ମୁସ୍‌ଲିମ ସମ୍ପ୍ରଦାୟ ପରିବାର ଘରେ ଇଦ୍ ପାଳନ କରିଥିଲେ। ନମାଜ ପାଠ ପରେ ପରିବାର ଲୋକେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ମୁସ୍‌ଲିମ ସମ୍ପ୍ରଦାୟ ପରିବାରରେ ଇଦ୍ ପର୍ବ ନିରାଡମ୍ବର ଭାବେ ପାଳନ କରିଥିଲେ। ଅଧିକାଂଶ ପରିବାର ପରସ୍ପରକୁ ପୁଷ୍ପଗୁଚ୍ଛ ଏବଂ ଗିଫ୍ଟ ଦେଇ ଶୁଭେଚ୍ଛା ଜଣାଇଥିଲେ। ସେହିପରି ନିରାକାରପୁର ଥାନା ଅଧୀନ ରାମେଶ୍ୱର ପଞ୍ଚାୟତ ଖଜୁରିପଡା ମୁସଲମାନ ଭଉଣୀଭାଇମାନେ କୋଭିଡ୍ କଟକଣା ମଧ୍ୟରେ ଘରେ ରହି ଇଦ୍ ପର୍ବ ପାଳନ କରିଛନ୍ତି।

## ଆଜିଠୁ ଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା

ପୁରୁଣା ଭୁବନେଶ୍ୱର, ୧୪।୫(ଡି.ଏନ୍.ଏ.)

ଶନିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ତଥା ଚାପ କ୍ରୀଡ଼ା ଆରମ୍ଭ ହେବ। ୨୨ଦିନ ଧରି ଏହି ଯାତ୍ରାରେ ଚାପ ଡଙ୍ଗାରେ ଅବସ୍ଥାନ କରି ମହାପ୍ରଭୁ ଶ୍ରୀଲିଙ୍ଗରାଜ, ପ୍ରଭୁ ବାସୁଦେବ, ମା' ପାର୍ବତୀ ଚାପ ଖେଳିବେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ବସୁଦେବ ଘାଟରେ ଦୁଇଟି ଡଙ୍ଗାକୁ ମହାରଣା ସେବାୟତ ସଂଲଗ୍ନ କରି ଚାପ ଡଙ୍ଗା ନିର୍ମାଣ କରିଛନ୍ତି। ଏଥିରେ ସିଂହାସନ ଲଗାଯାଇଛି। ୧୨ଘରିଆ ନାଉରିଆ ସେବାୟତ ଏହି ଡଙ୍ଗା କୋଭିଡ୍ କଟକଣାରେ ୬/୬ଜଣ କରି ପର୍ଯ୍ୟାୟକ୍ରମେ ଡଙ୍ଗା ପରିଚାଳନା କରିବେ। ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ସହ ନିର୍ଦ୍ଦିଷ୍ଟ ସେବାୟତ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ବିନ୍ଦୁସାଗରରେ ଚାପଡଙ୍ଗା ପ୍ରସ୍ତୁତ କରାଯାଉଛି।

## 'ପାଣି ବୋହିଲେ ଚୁଲି ଜଳେ'

### ଖଟିଖିଆ ପଣିଷଙ୍କ ଦୁର୍ଦ୍ଦଶା ବଢୁଛି

ଖୋର୍ଦ୍ଧା ଅଫିସ,୧୪।୫

ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ଲକ୍‌ଡାଉନ ଜାରି ରହିଛି। ଏଥିଯୋଗୁ ଖୋର୍ଦ୍ଧା ଅଞ୍ଚଳରେ ରହିଥିବା ଅନେକ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକଙ୍କ ହାତରେ କାମ ନ ଥିବାରୁ ସେମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। କରୋନା ଭୟରେ କାମଧନ୍ଦା ବନ୍ଦ ହୋଇଯିବାରୁ ପରିବାର ଚଳାଇବା ଏମାନଙ୍କ ଲାଗି କଷ୍ଟକର ହୋଇପଡ଼ିଛି। ଏମାନଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ସାଧାରଣରେ ଦାବି ହେଉଛି।

ଖୋର୍ଦ୍ଧା ବ୍ଲକ ଗୁଡୁମ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ। ବୟସ ୮୦ ଟପିଲାଣି। ତାଙ୍କ ଉପରେ ପରିବାରର ୬ ପ୍ରାଣୀଙ୍କ ଦାୟିତ୍ୱ ରହିଛି। ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ସାଇକେଲରେ ଦୈନିକ ୧୫୦ରୁ ୨୦୦ଲିଟର ପର୍ଯ୍ୟନ୍ତ ପାଣି ବୋହି ଖୋର୍ଦ୍ଧାର ବିଭିନ୍ନ ଜଳଖିଆ ଦୋକାନ ଓ ହୋଟେଲକୁ ଯୋଗାଇଥାନ୍ତି। ସେଥିରୁ ତାଙ୍କର ଶହେରୁ ୨ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହୋଇଥାଏ। ଏହି ଟଙ୍କାରେ ପରିବାର ଚଳାଇଥାନ୍ତି। ଗତବର୍ଷ ଲକ୍‌ଡାଉନ ଯୋଗୁ କାମଧନ୍ଦା ହରାଇଥିବା ବେଳେ ଏବେ ପୁଣି ସେହି ସମସ୍ୟା ଦେଇ ଗତି କରୁଛନ୍ତି। ଲକ୍‌ଡାଉନ ଯୋଗୁ ସମସ୍ତ ଜଳଖିଆ ଓ ହୋଟେଲ ବନ୍ଦ ରହିଛି। ହାତରେ କାମଧନ୍ଦା ନାହିଁ। ବୟସାଧିକ୍ୟ ଯୋଗୁ ମୂଲ ଲାଗି ପାରୁନାହାନ୍ତି। ପରିବାର ଚଳାଇବା ତାଙ୍କ ପାଇଁ ବଡ଼ କଷ୍ଟକର ହୋଇପଡ଼ିଛି। ତଥାପି ସବୁଦିନ ପରି ସକାଳୁ ସାଇକେଲ ଧରି ଘରୁ ବାହାରି ଖୋର୍ଦ୍ଧା ଆସୁଛନ୍ତି। ହୋଟେଲ ବନ୍ଦ ଥିବା ଯୋଗୁ ପରିବା ଦୋକାନଗୁଡିକୁ ପାଣି ଯୋଗାଇ ଦେବା ଲାଗି ନେହୁରା ହେଉଛନ୍ତି। କେତେଜଣ ବେପାରୀ ୧୦ରୁ ୨୦ଲିଟର ପାଣି ଆଣିଦେବା ପାଇଁ କହୁଛନ୍ତି। ଦୈନିକ ୨୦୦ଲିଟର ପାଣି ବୋହୁଥିଲେ, ଏବେ ୫୦ଲିଟର ପାଣି ବୋହୁଛନ୍ତି। ୫୦ଟଙ୍କା ମିଳୁଛି। ଏତିକି ଟଙ୍କାରେ କିପରି ପରିବାର ଚଳିବ, ସେନେଇ ଚିନ୍ତାରେ ପଡ଼ିଯାଇଛନ୍ତି। କୃଷ୍ଣଚନ୍ଦ୍ରଙ୍କ ପରି ବହୁ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକେ ପରିବାର କିପରି ଚଳିବ, ସେହି ଚିନ୍ତାରେ ରହିଛନ୍ତି। ଏମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ସାଧାରଣରେ ଦାବି ହେଉଛି।





ସାଇକେଲରେ ପାଣି ବୋହି ହୋଟେଲକୁ ଯୋଗାଉଥିବା କୃଷ୍ଣଚନ୍ଦ୍ର ସାହୁ।

**ସର୍ବନିମ୍ନ ମଜୁରି ଦାବି କଲେ ଚାପ ନାଉରିଆ**

ପୁରୀ ଅଫିସ: ଚାପ ଦଳାଇ ବା ଚାପ ନାଉରିଆମାନଙ୍କୁ ସର୍ବନିମ୍ନ ମଜୁରି ମିଳୁ ନ ଥିବା ଶୁକ୍ରବାର କେତେଜଣ ଚାପ ନାଉରିଆ ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି, ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାରେ ଚାପ ଚଳାଇବା ପାଇଁ ଶ୍ରୀମନ୍ଦିର ପକ୍ଷରୁ ସେମାନଙ୍କୁ କ୍ଷେୟୀ ଓ ଖୋରାକି ମିଳିଥାଏ। ମାତ୍ର ଗତ କିଛି ବର୍ଷ ହେବ ଶ୍ରୀମନ୍ଦିର ପ୍ରଶାସନ ତାଙ୍କୁ କ୍ଷେୟୀ ଓ ଖୋରାକି ପ୍ରଦାନ କରୁନାହିଁ। ଏଣିକି ଦୈନିକ ସର୍ବନିମ୍ନ ପାଉଣା ୨୦୦ ଟଙ୍କା ଦେବା ପାଇଁ ସେମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ସେମାନେ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୪.୦୫.୨୦୨୧
୫୩୭ ଟଙ୍କା

## ସଂକ୍ଷେପରେ

### ନହନ୍ତରା ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ନିମାପଡ଼ା,୧୪।୫(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ଅନ୍ତୁଧାର ପଞ୍ଚାୟତ ନହନ୍ତରା ଗ୍ରାମରେ ୨୪ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏକାସଙ୍ଗେ ଏତେ ସଂଖ୍ୟାରେ ଚିହ୍ନଟ ହେବା ପରେ ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ନେଇ ଜିଲାପାଳ ସମର୍ଥ ବର୍ମା ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ନହନ୍ତରା ଗ୍ରାମକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିବା ବିଡିଓ ମନୋଜ କୁମାର ବେହେରା ଓ ସ୍ଥାନୀୟ ସରପଞ୍ଚ ଦେବରାଜ ସାହୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମର ୩ ୱାର୍ଡର ସମସ୍ତ ପ୍ରବେଶ ପଥକୁ ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି।

### ଶିକ୍ଷକ ନେତାଙ୍କ ପରଲୋକ

କଣାସ,୧୪।୫(ସ୍ୱ.ପ୍ର.)- ବିଶିଷ୍ଟ ଶିକ୍ଷକ ନେତା ତଥା ନିଖିଳ ଉତ୍କଳ ନିମ୍ନ ମାଧମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର କୋଷାଧକ୍ଷ ଅଲେଖ ଚରଣ ସାହୁଙ୍କ ଗୁରୁବାର ପରଲୋକ ହୋଇଛି। ସେ କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ତାଙ୍କ ବାସଭବନ ନିକଟରେ ବହୁ ଶିକ୍ଷାବିତ୍, ବିଶିଷ୍ଟ ବ୍ୟକ୍ତି, ଗ୍ରାମବାସୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ନିଖିଳ ଉତ୍କଳ ନିମ୍ନ ମାଧମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ କୃପାସିନ୍ଧୁ ବିଶ୍ୱାଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ୩ ଦୋକାନକୁ ସିଲ୍ କଲେ ତହସିଲଦାର

କଣାସ,୧୪।୫(ସ୍ୱ.ପ୍ର.)- କଣାସ ଅଞ୍ଚଳରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଲକଡାଉନ, ଶଟଡାଉନ ମାନିବା ସହ ସଚେତନ ହୋଇ ରହିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ କେତେଜଣ ଅମାନିଆ କୋଭିଡ୍ ନିୟମକୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ତେବେ ଗୁରୁବାର ତହସିଲଦାର ଲକ୍ଷ୍ମୀଧର ମହାରଣା ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ସଚେତନ କରାଇଛନ୍ତି। କଣାସ ଥାନା ପରିସରଭୁକ୍ତ ଜଙ୍କିଆ ଏବଂ କୋଟକଣା ଛକରେ ଥିବା ୨ଟି ପାନ ଦୋକାନ ଓ ଗୋଟିଏ ମୋବାଇଲ ଦୋକାନକୁ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ସିଲ୍ କରିଛନ୍ତି।

### ଡୋଜର ପୋଡ଼ିଦେଲେ ଦୁର୍ବୃତ୍ତ

ବ୍ରହ୍ମଗିରି,୧୪।୫(ଡି.ଏନ୍.ଏ.) : ସଦର ଥାନା ଅନ୍ତର୍ଗତ କଣ୍ଟିକେରା ନିକଟରେ ଏକ ରାସ୍ତା କାମରେ ନିୟୋଜିତ ହୋଇଥିବା ଏକ ଡୋଜର ମେଶିନକୁ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ପୋଡ଼ି ଦେଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କଣ୍ଟିକେରାଠାରୁ କପିଳେଶ୍ୱରପୁର ପର୍ଯ୍ୟନ୍ତ ଏକ ରାସ୍ତାକୁ ଉକ୍ତ ଗ୍ରାମବାସୀ ନିଜ ଉଦ୍ୟମରେ ନିର୍ମାଣ କରୁଥିଲେ। ଏ ନେଇ ଏକ ଡୋଜର ମେଶିନକୁ ବ୍ୟବହାର କରାଯାଇଥିଲା। ତେବେ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଧରି କାର୍ଯ୍ୟରତ ଲୋକଙ୍କୁ ଭୟଭୀତ କରାଇ ଉକ୍ତ ଡୋଜରକୁ ପୋଡ଼ିଦେଇଥିବା ଗ୍ରାମବାସୀ ଆଭିଯୋଗ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# କଟକଣାରେ ସାକ୍ଷୀଗୋପାଳ, ଅଲାରନାଥଙ୍କ ଚନ୍ଦନ ଯାତ୍ରା

**ଆଜି ଅପରାହ୍ଣ ୨ରୁ ରାତି ୧୦ ପର୍ଯ୍ୟନ୍ତ ୧୪୪ ଧାରା**

ସାକ୍ଷୀଗୋପାଳ/ବ୍ରହ୍ମଗିରି, ୧୪।୫(ଡି.ଏନ୍.ଏ./ସ୍ୱ.ପ୍ର.) : ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁ ସାକ୍ଷୀଗୋପାଳ ଓ ଅଲାରନାଥଙ୍କର ଚନ୍ଦନ ଯାତ୍ରା ହେବାକୁ ଯାଉଛି। କିନ୍ତୁ ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ସୀମିତ ସଂଖ୍ୟକ ସେବାୟତ ଓ ବିନା ଭକ୍ତରେ ଏହା ଅନୁଷ୍ଠିତ ହେବ। ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନନୀତି ଓ ଚାପଖେଳ ସମୟରେ ମନ୍ଦିରଠାରୁ ଚନ୍ଦନ ପୁଷ୍କରିଣୀ ପର୍ଯ୍ୟନ୍ତ ଦିନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯିବ ନେଇ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟାଳୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ନିଷ୍ପତ୍ତି ନିଆଯାଇଛି। ଚନ୍ଦନ ପୋଖରୀ ଓ ଚନ୍ଦନ ଚକଡା ଚତୁର୍ପାର୍ଶ୍ୱରେ ବ୍ୟାରିକେଡ ନିର୍ମାଣ କରାଯିବା ସହିତ ପୋଲିସ ମୁତୟନ କରାଯିବ। ଉକ୍ତ ବୈଠକରେ ତହସିଲଦାର ମନୋଜ କୁମାର ନାୟକ, ଆଇଆଇସି ଦେବୀ ପ୍ରସାଦ ପାତ୍ର, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ପ୍ରଧାନ, ସେବାୟତ ସଂଘ ସଭାପତି ରାମଚନ୍ଦ୍ର ମହାପାତ୍ର, ସମ୍ପାଦକ କିଶୋର ମହାପାତ୍ର ଓ ମନ୍ଦିର ପରିଦର୍ଶକ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦନ ଯାତ୍ରାରେ ନିୟୋଜିତ ପାଳିଆ ସେବକମାନଙ୍କୁ କୋଭିଡ୍‌କାଳୀନ ଅତିରିକ୍ତ ପାଉଣା ପ୍ରଦାନ କରିବାକୁ ସେବାୟତ ସଂଘ ସମ୍ପାଦକ ମହାପାତ୍ର ଦାବି କରିଛନ୍ତି। ଭାଗ ନେଉଥିବା ସେବାୟତଙ୍କ ଶୀଘ୍ର କରୋନା ଟେଷ୍ଟ କରାଯିବା ପାଇଁ ବ୍ୟବସ୍ଥା ହେଉଛି ବୋଲି ତହସିଲଦାର କହିଛନ୍ତି। ସେହିଭଳି ଅଲାରନାଥ ପୀଠ ଓ ଚନ୍ଦନ ପୋଖରୀରେ ଏ ନେଇ ଶନିବାର ଅପରାହ୍ଣରୁ ରାତି ୧୦ଟା ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ। ଗତବର୍ଷ ଚାପ ନୀତି ମନ୍ଦିର ଭିତରେ ହୋଇଥିବା ବେଳେ ଚଳିତବର୍ଷ ବାହାର ଚାପ ହେବ ବୋଲି ପ୍ରଶାସନ ଓ ସେବାୟତଙ୍କୁ ନେଇ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଥିବା ତହସିଲଦାର କାହ୍ନୁଚରଣ ଘଡ଼େଇ ସୂଚନା ଦେଇଛନ୍ତି। ଏ ନେଇ ସମସ୍ତ ନୀତିକାନ୍ତିର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ଭୋର ୪ ଟାରୁ ଦ୍ୱାରଫିଟା, ମଙ୍ଗଳ ଆଳତି, ଅବକାଶ, ବେଶ ମଧ୍ୟାହ୍ନ ଧୂପ ହେବ। ପରେ ୩.୩୦ ରେ ଚନ୍ଦନ ବେଶ ଓ ବେଢ଼ା ଅନୁଷ୍ଠିତ ହୋଇ ୪.୩୦ରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ବିମାନରେ ଚାପ ପୋଖରୀକୁ ନିଆଯିବ। ୫.୩୦ ଚାପ ଖେଳି ୮.୩୦ରେ ମୁଖ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ମନ୍ଦିରର ସେବାୟତ ନାରାୟଣ ପୂଜା ପଣ୍ଡା ସୂଚନା ଦେଇଛନ୍ତି।



ଚନ୍ଦନ ଯାତ୍ରାରେ ପୋଲିସ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଶୁକ୍ରବାର ଅଧିକାରୀମାନଙ୍କ ସହ ଏସ୍‌ପି କନଓ୍ୱର ବିଶାଲ ସିଂ ଆଲୋଚନା କରୁଛନ୍ତି ।

## ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧଙ୍କ ଆତ୍ମହତ୍ୟା ଉଦ୍ୟମ

### ଉଦ୍ଧାର କଲା ରେଲଓ୍ୱେ ପୋଲିସ

ପୁରୀ ଅଫିସ, ୧୪।୫: ପୁରୀ ରେଲଓ୍ୱେ ପୋଲିସ ଶୁକ୍ରବାର ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ବୃଦ୍ଧଙ୍କ ଜୀବନ ରକ୍ଷା କରିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟାରେ ରେଲଓ୍ୱେ ପୋଲିସର କେତେଜଣ କର୍ମଚାରୀ ଡ୍ୟୁଟି କରୁଥିଲେ। ଏହି ସମୟରେ ଜଣେ ବୃଦ୍ଧ ଆତ୍ମହତ୍ୟା କରିବା ପାଇଁ ନନ୍ଦନକାନନ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ। ଏ ଘଟଣା ଦେଖି ରେଲଓ୍ୱେ ପୋଲିସର ଯବାନ ନିଜ ଜୀବନକୁ ବାଜି ଲଗାଇ ଟ୍ରେନକୁ ଅଟକାଇବା ପାଇଁ ଚେଷ୍ଟା କରିବା ସହ ବୃଦ୍ଧଙ୍କୁ ରେଳ ଲାଇନ ଉପରୁ ଉଦ୍ଧାର କରିଆଣିଥିଲେ। ତେବେ ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରୁଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ରେଲଓ୍ୱେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## କୋରେକ୍ସ ବିକି ୨ ଗିରଫ

ପୁରୀ ଅଫିସ, ୧୪।୫: ପୁରୀ ଟାଉନଥାନା ପୋଲିସ କୋରେକ୍ସ ବିକିବା ଅଭିଯୋଗରେ ଶୁକ୍ରବାର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ମଣିମହାସୁଆର ବଗିଚା ଅଞ୍ଚଳର ଲୋକନାଥ ମିଶ୍ର ଓରଫ ଲୋକା ଓ ଲୋକନାଥ ରୋଡ ଥାନପତି ଲେନ୍‌ର ନିର୍ମଳ ପ୍ରଧାନ ଓରଫ ଭୀମ। ଉଭୟଙ୍କ ନିକଟରୁ ୪୦ ବୋତଲ କୋରେକ୍ସ ଜବତ ହୋଇଛି । ଏ ନେଇ ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରିଛି।



ଅକ୍ଷୟତୃତୀୟାରେ ମୁଠି ଅନୁକୂଳ ନେଇ ପୁରୀ ମିଶ୍ର ସାହିର ବିଶ୍ୱରୂପା ପଟ୍ଟନାୟକଙ୍କ କଳାକୃତି।

## ଅକ୍ଷୟତୃତୀୟା ପାଇଁ ନୀତି ନିର୍ଘଣ୍ଟ

ପୁରୀ ଅଫିସ ୧୪।୫: ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶନିବାର ତିନିରଥ ନିର୍ମାଣ ଅନୁକୂଳ କରାଯିବା ସହ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହେବ। ୨୧ଦିନ ଧରି ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅକ୍ଷୟ ତୃତୀୟା, ନୃସିଂହ ଜନ୍ମ, ନୀଳାଦ୍ରି ମହୋଦୟ ଓ ଭଉଁରୀ ଯାତ୍ରା ନିମନ୍ତେ ଶୁକ୍ରବାର ନୀତିନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ଶନିବାର ଭୋର ୩ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯିବ। ଭିତରଶୋଧ ପରେ ଭୋର ୪ଟାରେ ଚତୁର୍ଦ୍ଧାବିଗ୍ରହଙ୍କ ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବେଶ ପରେ ସକାଳ ୭ଟାରେ ଗୋପାଳ ବଲ୍ଲଭ ଭୋଗ ହେବ। ସକାଳ ୭.୩୦ରୁ ୯ଟା ମଧ୍ୟରେ ସକାଳଧୂପ କରାଯିବ। ପୂର୍ବାହ୍ଣ ୧୦ଟାରେ ଯାତ୍ରାଙ୍ଗୀ ମହାସ୍ନାନ, ୧୦.୪୦ରେ ପ୍ରଭୁ ଚନ୍ଦନ ବେଢାକୁ ବିଜେ, ୧୧.୩୦ରେ ଖଇକୋରା ଭୋଗ, ମଧ୍ୟାହ୍ନ ୧୨ଟାରେ ସର୍ବାଙ୍ଗ, ଅପରାହ୍ଣ ୧ଟାରେ ବେଶ, ୧ରୁ ୨.୩୦ ମଧ୍ୟରେ ଘଣ୍ଟଛତା ଯାତଭୋଗ ଓ ମଧ୍ୟାହ୍ନ ଧୂପ କରାଯିବ। ଅପରାହ୍ଣ ୩ଟାରେ ଦ୍ୱାଦଶ ବନ୍ଧାପନା, ୩.୩୦ରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଓ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀକୁ ଜଳକ୍ରୀଡ଼ା ପାଇଁ ବିମାନକୁ ବିଜେ କରିବେ। ଅପରାହ୍ଣ ୪ଟାରେ ରଥ ନିର୍ମାଣ ଅନୁକୂଳ ପାଇଁ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ରଥଖଳାକୁ ବିଜେ ହେବ। ସନ୍ଧ୍ୟା ୬.୩୦ରୁ ୮ଟା ମଧ୍ୟରେ ସନ୍ଧ୍ୟାଧୂପ ହୋଇ ଅନ୍ୟାନ୍ୟ ନୀତି ବଢି ରାତ୍ର ୧୨.୩୦ରେ ମହାପ୍ରଭୁଙ୍କ ପହୁଡ କରାଯିବ।

## ବୌଦ୍ଧରୁ ଆସିଲା ନବମ ପର୍ଯ୍ୟାୟ ରଥକାଠ

**ଆଜି ରଥ ନିର୍ମାଣର ଶୁଭାରମ୍ଭ**

ପୁରୀ ଅଫିସ, ୧୪।୫: ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଗୁରୁବାର ବୌଦ୍ଧ ବନଖଣ୍ଡରୁ ଅଷ୍ଟମ ପର୍ଯ୍ୟାୟରେ ୧୦ ଖଣ୍ଡ ୨୦ ଫୁଟିଆ ଧଉରା ରଥ କାଠ ପୁରୀରେ ପହଞ୍ଚିଥିଲା। ଶୁକ୍ରବାର ନବମ ପର୍ଯ୍ୟାୟରେ ୨୦ ଖଣ୍ଡ ଅସନ ଓ ମହି କାଠ ଆସିଛି। ଏହି କାଠରେ ରଥର ଦଣ୍ଡା, ଅଖ, ଗୟଳ ସହ ବିଭିନ୍ନ ଅଂଶ ନିର୍ମାଣ କରାଯିବ। ଚଳିତବର୍ଷ ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବବର୍ଷର ୬୯ ଖଣ୍ଡ କାଠ ବଳକା ରହିଛି। ତେଣୁ ଆଉ ୭୯୬ ଖଣ୍ଡ କାଠ ଆବଶ୍ୟକ। ମୋଟ ଆବଶ୍ୟକ ହେଉଥିବା ୭୯୬ ଖଣ୍ଡ କାଠ ମଧ୍ୟରୁ ଶୁକ୍ରବାର ସୁଦ୍ଧା ୨୮୭ ଖଣ୍ଡ ପହଞ୍ଚି ସାରିଛି। ତନ୍ମଧ୍ୟରୁ କଟକ ଖପୁରିଆ କରତକଲକୁ ୫୦୯ ଖଣ୍ଡ କାଠ ପଠାସରିଛି। ଗତ ସରସ୍ୱତୀ ପୂଜାରେ ରଥକାଠ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ଅକ୍ଷୟ ତୃତୀୟାରେ ରଥ ନିର୍ମାଣର ଶୁଭାରମ୍ଭ ହେବ।

# ‘ଆଶା, ଆସ୍ପର୍ଦ୍ଧା ଏଠି ପାଉଁଶ ହୋଇଛି’

- କୋଭିଡ୍ ସଂକ୍ରମିତଙ୍କ ଶବ ଦାହରେ କଟୁଛି ହାୟତ୍‌ଙ୍କ ଦିନ
- ଟୁଇଟ୍‌ରେ ପ୍ରଶଂସା କଲା ଜିଲା ପ୍ରଶାସନ

ପୁରୀ ଅଫିସ,୧୪।୫: ଇଦ୍-ଉଲ୍-ଫିତର ପାଇଁ ଶୁକ୍ରବାର ମୁସଲମାନ ସମ୍ପ୍ରଦାୟ ଖୁସିରେ ମସ୍‌ଗୁଲ୍ ଥିବାବେଳେ ସେ କିନ୍ତୁ ପୂର୍ବ ଦିନଗୁଡ଼ିକ ଭଳି ନିଜ କାର୍ଯ୍ୟ ଭୁଲିଯାଇ ନ ଥିଲେ। କାରଣ ତାଙ୍କ ପାଇଁ କର୍ମ ହିଁ ବଡ଼। ସେ ହେଉଛନ୍ତି ପୁରୀର ଭିନ୍ନ ଜଣେ ଯୋଦ୍ଧା ହାୟତ୍ ଖାନ୍। କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ଘଟିଲେ ଶହଦାହ ପାଇଁ ସେ ଆଗେଇ ଆସନ୍ତି। କରୋନାର ଦ୍ୱିତୀୟ ଲହର ମଧ୍ୟରେ ଏବେ ସୁଦ୍ଧା ହାୟତ୍ ୮୨ ମୃତକଙ୍କ ଶବଦାହ କରିସାରିଲେଣି। ପ୍ରତିଦିନ ଜିଲାରେ ମୃତ ଘୋଷିତ ହେଉଥିବା କୋଭିଡ୍ ସଂକ୍ରମିତଙ୍କ ଶବଦାହ ପାଇଁ ସେ ଗାଡ଼ି ଧରି ବହାରିପଡ଼ନ୍ତି। ଦୁଇ ଜଣ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ସତ୍କାରର ସମସ୍ତ ଦାୟିତ୍ୱ ବହନ କରନ୍ତି। ହାୟତ୍ କହିଛନ୍ତି, କ୍ଷଣିକରେ କେତେ ଆଶା ଓ ଆସ୍ପର୍ଦ୍ଧା ଏଇଠି ଜଳି ପୋଡ଼ି ପାଉଁଶ ହୋଇଯାଉଛି ତାହାକୁ ସେ ବର୍ଣ୍ଣନା କରିପାରିବେନି। ତାଙ୍କୁ ମଧ ସଂକ୍ରମଣର ଭୟ ଅଛି। ମାତ୍ର ଏବେ ସମୟ ଦାୟିତ୍ୱ ଓ କର୍ତ୍ତବ୍ୟର। ଏ ସମୟରେ କର୍ତ୍ତବ୍ୟ ଛାଡ଼ି ପଳାଇଲେ ମଣିଷ ହୋଇ ଲାଭ କ'ଣ। ସଂକ୍ରମଣରେ ଯୁବକମାନେ ଆଖି ବୁଜିବା ତାଙ୍କୁ ସବୁଠାରୁ ଅଧିକ କଷ୍ଟ ଦେଉଛି। ସେଇ ଶବ ଭିତରେ ସେ ନିଜ ପିଲାଙ୍କ ବିଚ୍ଛେଦ ଭଳି ଅନୁଭବ କରନ୍ତି। କିଛି ଦିନ ତଳେ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ମୃତଦେହକୁ ସେ ହିଁ ଶେଷକୃତ୍ୟ କରାଇଥିଲେ। ଶୁକ୍ରବାର ଜିଲା ପ୍ରଶାସନ ତାଙ୍କୁ ପ୍ରଶଂସା କରି ଏକ ଟୁଇଟ୍ କରିଛି। ତାଙ୍କ ନିଷ୍ପାପର ସେବା ପାଇଁ ଧନ୍ୟବାଦ ଜଣାଇଛି।



କର୍ମକ୍ଷେତ୍ରରେ ହାୟତ ଖାଁ ।

## ଆଜିଠୁ ସେବାୟତଙ୍କ ଟିକାକରଣ

ପୁରୀ ଅଫିସ, ୧୪।୫: ଚନ୍ଦନଯାତ୍ରାରେ ନିୟୋଜିତ ହେବାକୁ ଥିବା ସେବାୟତଙ୍କ ଟିକାକରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶନିବାରଠାରୁ ଲୋକନାଥ ରୋଡସ୍ଥିତ ପ୍ରତିହାରୀ ନିଯୋଗ ବୈଠକ ଗୃହ ଓ ଦୋଳମଣ୍ଡପ ସାହିସ୍ଥିତ ବୈକୁଣ୍ଠ ଧାମ ଟିକାକରଣ କେନ୍ଦ୍ରରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ସେବାୟତମାନେ ଟିକା ନେବାକୁ କୁହାଯାଇଛି। ୧୯ ତାରିଖଠାରୁ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ୧୮ରୁ ୪୫ ବର୍ଷ ବୟସର ସମ୍ପୃକ୍ତ ସେବାୟତଙ୍କୁ ଟିକା ଦିଆଯିବ। ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୧୮ ବର୍ଷରୁ ୪୫ ବର୍ଷ ବୟସର ଏବଂ ଅପରାହ୍ଣ ୩ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୪୫ ବର୍ଷରୁ ଊର୍ଦ୍ଧ୍ୱ ସେବାୟତ ଓ ସେମାନଙ୍କ ପରିବାରକୁ ପୂର୍ବଭଳି ଟିକା ଦିଆଯିବ। ନାମ ପଞ୍ଜୀକରଣ ପାଇଁ ସେବାୟତମାନେ ନିଜ ସ୍ୱାସ୍ଥ୍ୟବୀମା କାର୍ଡ ଓ ଆଧାର କାର୍ଡ ନେବାକୁ କୁହାଯାଇଛି।

# ବରିଷ୍ଠ ନାଗରିକଙ୍କ ପାଇଁ ସୁରକ୍ଷା ସେଲ୍ ଦାବି

କାକଟପୁର,୧୪।୫(ଡି.ଏନ୍.ଏ.): କାକଟପୁର ବ୍ଲକ ୧୬ଟି ପଞ୍ଚାୟତରେ ଥିବା ବରିଷ୍ଠ ନାଗରିକମାନେ ପାରିବାରିକ, ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କରୋନା ଯୋଗୁ ଗ୍ରାମାଞ୍ଚଳରେ ପରିବାରଗୁଡ଼ିକର ଆର୍ଥିକ ସ୍ଥିତି ବିଗିଡ଼ିଯିବା ଫଳରେ ପରିବାରର ବରିଷ୍ଠମାନେ ନାନା ହଇରାଣ ହେଉଛନ୍ତି। ଅଭାବୀ ସଂସାରରେ ଶିକ୍ଷିତ ଯୁବତୀଯୁବକମାନେ ଲକ୍‌ଡାଉନ ଫଳରେ ରୋଜଗାର ହରାଇ ନିଜର ଗୁଜୁରାଣ ମେଣ୍ଟାଇ ପାରୁନାହାନ୍ତି। ତେଣୁ ବରିଷ୍ଠମାନଙ୍କ କଥା ବୁଝିବା କଷ୍ଟକର ହୋଇପଡ଼ିଛି। କେଉଁଠି ପରିଣତ ବୟସରେ ସ୍ୱାମୀ ସ୍ତ୍ରୀକୁ ହରାଇଛି ତ ସ୍ତ୍ରୀ ସ୍ୱାମୀକୁ ହରାଇ ଏକାକୀ ଦୁର୍ବିଷହ ଜୀବନ ବିତାଉଛି। କେହି କେହି କରୋନା କାଳରେ ଆର୍ଥିକ ପରିସ୍ଥିତିରୁ ଚିନ୍ତାରେ ରହି ବରିଷ୍ଠଙ୍କୁ ବୋଝ ଭାବି ଖରାପ ବ୍ୟବହାର କରୁଛନ୍ତି। ନିଜର ଶାରୀରିକ ଓ ମାନସିକ ଦୁର୍ବଳତା ଯୋଗୁ ସେମାନେ ପଶୁତୁଲ୍ୟ ଜୀବନ ବିତାଉଛନ୍ତି। ଏଭଳି ସମୟରେ ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଦେବା ପାଇଁ ଅଞ୍ଚଳରେ ଦାବି ହେଉଛି। ଏପରିକି କାକଟପୁରରେ ବରିଷ୍ଠ ନାଗରିକଙ୍କ ପାଇଁ ବ୍ଲକସ୍ତରୀୟ ସୁରକ୍ଷା ସେଲ୍ ଖୋଲିବା ପାଇଁ କାକଟପୁର ମା' ମଙ୍ଗଳା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ ପୁରୀ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି ।

# ଦିଆସିଲି କାଠି, ଖବରକାଗଜରେ କଳାକୃତି



ସୂର୍ଯ୍ୟକାନ୍ତ ଦାସଙ୍କ ରଥ ନିର୍ମାଣ ଅନୁକୂଳର କଳାକୃତି ।



ଦିଆସିଲି କାଠିରେ ଶାଶ୍ୱତ ରଞ୍ଜନ ସାହୁଙ୍କ ଧଳାଚାପ ନନ୍ଦାର ପ୍ରତିକୃତି ।

ପୁରୀ ଅଫିସ, ୧୪।୫: ପୁରୀ କୁମ୍ଭାରପଡ଼ା ଅଞ୍ଚଳର ଶାଶ୍ୱତ ରଞ୍ଜନ ସାହୁ ୨୧୨୦ଟି ଦିଆସିଲି କାଠିରେ ଚାପ ଡଙ୍ଗା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ତାଙ୍କୁ ୪ଦିନ ଲାଗିଛି। ସେ ନନ୍ଦା ଓ ଭଦ୍ରା ଚାପ ଡଙ୍ଗା ମଧ୍ୟରୁ ଧଳାଚାପ ନନ୍ଦାର ପ୍ରତିକୃତି ନିର୍ମାଣ କରିଛନ୍ତି। ପ୍ରତିକୃତିର ଲମ୍ବ ୨୪ ଇଞ୍ଚ ଥିବା ବେଳେ ପ୍ରସ୍ଥ ୧୯ ଇଞ୍ଚ ରହିଛି। ସେହିପରି ପୁରୀ ଦଣ୍ଡତୋଟାର ସୂର୍ଯ୍ୟକାନ୍ତ ଦାସ ୨ଦିସ୍ତା ଅଦରକାରୀ ଖବରକାଗଜରେ ରଥ ନିର୍ମାଣ ଅନୁକୂଳର ଦୃଶ୍ୟ ପ୍ରସ୍ତୁତ କରିଛନ୍ତି। ତିନୋଟି ରଥକାଠ ସହ ମହାପ୍ରଭୁଙ୍କ କଳାକୃତି ନିର୍ମାଣ କରିଛନ୍ତି। କଳାକୃତିର ଉଚ୍ଚତା ୭ ଇଞ୍ଚ ଥିବାବେଳେ ଓସାର ପ୍ରାୟ ୨ ଇଞ୍ଚ ରହିଛି।

# ୮ ନୂଆ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

ନିମାପଡ଼ା,୧୪।୫(ଡି.ଏନ୍.ଏ.): ଡ୍ରେନେଜ୍ ବିଭାଗର ୨କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଡ୍ରେନେଜ ଉପରେ ୫ଟି ନୂଆ ପକ୍କା ବ୍ରିଜ ନିର୍ମାଣ, ୮ଟି ଡ୍ରେନେଜ ଖନନ ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କୋଭିଡ୍ କଟକଣା ମଧ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନିମାପଡ଼ା ବ୍ଲକ ଅନ୍ତର୍ଗତ ହରିପୁର ପଞ୍ଚାୟତର ଗୋଡ଼ିମାଳ ଗ୍ରାମରେ, ଧନୁଆଁ ପଞ୍ଚାୟତର ଇଚ୍ଛାପୁର, ଧଳେଶ୍ୱରର ଲମ୍ଭିଲୋ, ଚଉଁରପଦାର ହଂସପଡ଼ା ବେହେରା ସାହି, ଅରିଷଣ୍ଡରେ ଏହି ନୂତନ ପ୍ରକଳ୍ପ ପାଇଁ ମନ୍ତ୍ରୀ ଦାଶ ଶିଳାନ୍ୟାସ କରିଛନ୍ତି। ଏହି ସମାରୋହରେ ସମ୍ମାନିତ ଅତିଥି ଡ୍ରେନେଜ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ମୁରଲୀଧର ବେହେରା, ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।



ଏକ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

# ପୁରୀ ହୋଟେଲ ଶିଳ୍ପ ଉପରେ କରୋନା ମାଡ଼

**ମାଲିକ, କର୍ମଚାରୀଙ୍କୁ ଘାରିଛି ପେଟପାଟଣା ଚିନ୍ତା**

ପୁରୀ ଅଫିସ, ୧୪।୫: ମହାମାରୀ କରୋନାର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୪ଦିନିଆ ଲକ୍‌ଡାଉନ ଜାରି କରିଛନ୍ତି। ସେହିପରି ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଥିବା ବେଳେ ପୁରୀର ପର୍ଯ୍ୟଟନସ୍ଥଳୀ ଓ ବେଳାଭୂମିରେ ବି କଟକଣା ଲାଗିଛି। ଫଳରେ ଭକ୍ତ ଓ ପର୍ଯ୍ୟଟକଙ୍କ ଦେଖାନାହିଁ। ପୁରୀ ହୋଟେଲ ଶିଳ୍ପ ଉପରେ ଏହାର ପ୍ରଭାବ ପଡ଼ିଛି। ବ୍ୟବସାୟ କ୍ଷତିରେ ଚାଲୁଥିବାରୁ ହୋଟେଲ ବ୍ୟବସାୟୀ ସଂଘ ଚିନ୍ତା ବ୍ୟକ୍ତ କରିଛି। ଗତ ୩ବର୍ଷ ହେବ ହୋଟେଲ ଶିଳ୍ପ ଉପରେ ଚଡ଼କ ପଡ଼ିଛି ବୋଲି କହିଲେ କିଛି ଭୁଲ ହେବ ନାହିଁ। ୨୦୧୯ ଫନୀ ମହାବାତ୍ୟା, ୨୦୨୦ କରୋନାର ପ୍ରଥମ ଲହର ଏବଂ ୨୦୨୧ରେ ଦ୍ୱିତୀୟ ଲହର ପୁରୀ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି। ପୁରୀର ହୋଟେଲଗୁଡ଼ିକରେ କାମ କରୁଥିବା ପ୍ରାୟ ୧୫ହଜାର କର୍ମଚାରୀଙ୍କୁ ଜୀବିକା ଚିନ୍ତା ଘାରିଛି। କେତେକ ହୋଟେଲରେ କମ୍ ପାରିଶ୍ରମିକରେ ହାତ ଗଣତି କର୍ମଚାରୀ କାର୍ଯ୍ୟରତ ଥିବାବେଳେ ଆଉ କେତୋଟି ହୋଟେଲରେ ତାଲା ଝୁଲିଲାଣି। କେବଳ ପାର୍ସଲ ବ୍ୟବସ୍ଥା ପାଇଁ କାଁ ଭାଁ ହୋଟେଲ କଷ୍ଟେମଷ୍ଟେ ଚାଲିଛି। ଅନ୍ୟପକ୍ଷେ ଆୟ ନ ଥିବାବେଳେ ହୋଟେଲ ପରିଚାଳନା ପାଇଁ ଯେଉଁ ଖର୍ଚ୍ଚ ହେଉଛି ତାହା ବହୁତ ବାଧୁଛି ବୋଲି ହୋଟେଲ ମାଲିକ ବିଭୁଦତ୍ତ ପାତ୍ର କହିଛନ୍ତି। ପୁରୀବାସୀ ମୁଖ୍ୟତଃ ଶ୍ରୀମନ୍ଦିର, ହୋଟେଲ ଓ ପର୍ଯ୍ୟଟକଙ୍କ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି। ପର୍ଯ୍ୟଟକଙ୍କ ଆଗମନରେ ପୁରୀ ଅର୍ଥନୀତିର ବିକାଶ ହୋଇଥାଏ। ବର୍ତ୍ତମାନ ପର୍ଯ୍ୟଟକ ପୁରୀ ଆସିବା ବନ୍ଦ ଥିବାରୁ ହୋଟେଲ ବ୍ୟବସାୟ ପୁରା ମାନ୍ଦା। ହୋଟେଲ ମାଲିକମାନେ ନିଜ ସମେତ କର୍ମଚାରୀଙ୍କ ପେଟପାଟଣା ଚିନ୍ତାରେ ମୁଣ୍ଡରେ ହାତ ଦେଲେଣି। ଏଭଳି ସ୍ଥିତିରେ ହୋଟେଲ ବ୍ୟବସାୟୀମାନଙ୍କୁ ସହାୟତା ଯୋଗାଇ ଦେବାକୁ ସରକାରଙ୍କୁ ରାଜ୍ୟ ସଂଘ ପକ୍ଷରୁ ନିବେଦନପତ୍ର ଦିଆଯାଇଛି ବୋଲି ପୁରୀ ହୋଟେଲ ଆସୋସିଏଶନର ସଦସ୍ୟ ଗିରୀଶ ଚନ୍ଦ୍ର ନାୟକ କହିଛନ୍ତି।